### ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ ପାଳିତ

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଗୁରୁବାର ରାକ୍ଷୀପୂର୍ଣ୍ଣିମା ପାଳିତ ହୋଇଛି। ବିଦ୍ୟାଳୟର ଛାତ୍ରୀମାନେ ଛାତ୍ରଙ୍କୁ ରାକ୍ଷୀ ପିନ୍ଧାଇ ଶୁଭ କାମନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ରକ୍ଷାବନ୍ଧନର ମହତ୍ୱ ବୁଝାଇଥିଲେ। ଏହି ଅବସର ରେ ନିର୍ଦ୍ଦେଶକ ପ୍ରବୀଣ ଠାକୁର, ଅଧକ୍ଷା ମୀନାକ୍ଷୀ ଦଣ୍ଡସେନା, ଜିତେନ୍ଦ୍ର ରାଉତରାୟଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

କଣ୍ଟାବାଞ୍ଜି, ୩୧।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ଗୁରୁବାର ତାଲୁକ ଆଇନ ସହାୟତା କମିଟିଦ୍ୱାରା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସହାୟତା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଜୌରାଜଜ୍ ହିମାଂଶୁ ଶେଖର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ମାନୀତ ଅତିଥିଭାବେ ସବଜଜ୍ ପରିତୋଷ ସେଠୀ, ଜେଏମ୍ଏଫ୍‌ସି ରାହୁଲ କୁମାର ଜେନା ମଞ୍ଚାସୀନ ଥିଲେ। ମଞ୍ଚାସୀନ ବିଚାରପତିମାନେ ଆଇନର ବିଭିନ୍ନ ଦିଗ ଉପରେ ସଚେତନ କରିଥିଲେ। ଶିବିରରେ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ଆଇନଜୀବୀ ଦେବାଶିଷ ମିଶ୍ର ମଧ ନିଜର ଅଭିଜ୍ଞତା ଉପରେ ମତ ରଖିଥିଲେ। ଶିବିରରେ କଣ୍ଟାବାଞ୍ଜି ଓକିଲ ସଂଘ ସଭ୍ୟ, କର୍ମଚାରୀ, ଟିଏଲସି ସଭ୍ୟ ସାମିଲ ଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି,୩୧।୮(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଅବକାରୀ ବିଭାଗ ଗୁରୁବାର ସକାଳୁ ଦାବ୍ରୀ ଛକରୁ ୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜଣେ ବ୍ୟକ୍ତିଙ୍କଠାରୁ ଜବତ କରିଛି। ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲା ପଦମପୁର ଥାନା କେଗାଁ ନିବାସୀ ପଦ୍ମନାଭ ଛତ୍ରିଆ। ସେ ଏକ ଜରି ବ୍ୟାଗରେ ଗଞ୍ଜେଇ ରଖି ସ୍ଥାନୀୟ ରେଳ ଷ୍ଟେଶନ ଅଭିମୁଖେ ଯାଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦାବ୍ରୀ ଛକରୁ ତାଙ୍କୁ ଗିରଫ କରିଥିଲେ। ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁ ଓ ଟିମ୍ ଚଢାଉରେ ସାମିଲ ଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ମୁରିବାହାଲ,୩୧।୮( ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ହଳଦୀ ଗ୍ରାମ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଯମୁନା ଗାଁର ଚରଣେଶ୍ୱର ନାଗ (୨୨)ଙ୍କୁ। ଗତ ୨୬ ତାରିଖ ମା'ବାପା କାମ କରିବାକୁ କ୍ଷେତକୁ ଯାଇଥିବା ବେଳେ ନାବାଳିକା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଚରଣେଶ୍ୱର ଅପରାହ୍ନ ପ୍ରାୟ ୪ଟାରେ ନାବାଳିକାଙ୍କ ଘରକୁ ଯାଇ ତାଙ୍କୁ ଜୋରଜବରଦସ୍ତି ବଳାତ୍କାର କରିବା ପରେ ସେଠାରୁ ପଳାଇ ଯାଇଥିଲେ। ସନ୍ଧ୍ୟାରେ ମା'ବାପା ଘରକୁ ଆସିବାରୁ ଘଟଣା ବିଷୟରେ ଜଣାଇଥିଲେ। ଘଟଣାର ସମାଧାନ ପାଇଁ ପଡାବାସୀ ଓ ଗ୍ରାମର କେତେକ ବ୍ୟକ୍ତି ୨ରୁ ୩ଥର ବୈଠକ କରିଥିଲେ। ହେଲେ ଏଥିରୁ କୌଣସି ନିଷ୍କର୍ସ ନ ବାହାରିବାରୁ ବୁଧବାର ପୀଡିତାଙ୍କ ପରିବର ଲୋକେ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଦଫା ୪୫୦, ୩୬୭(ଏବି),୨୯୪, ୩୨୩, ୫୦୬ ଓ ୪ ପୋକ୍‌ସୋ ଆକ୍ଟ ୩୪ ଅନୁସାରେ ଏକ ମାମଲା(୧୯୩ /୨୩) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଓ ପୀଡିତାଙ୍କ ଡାକ୍ତରୀମାଇନା କରାଯାଇ ଅଧିକ ତଦନ୍ତ କରା ଯାଉଛି ବୋଲି ଥାନା ଅଧିକାରୀ ସୁପ୍ରିୟା ସୁରିଆ ଲୁଗୁନ କହିଛନ୍ତି।

# କବିଙ୍କ ସୃଷ୍ଟି ମାନବ ସମାଜକୁ ଆଲୋକ ପଥ ଦେଖାଏ

## ସିନାପାଲିରେ ଗଙ୍ଗାଧର ମେହେର ଜୟନ୍ତୀ

ସିନାପାଲି, ୩୧।୮(ମନଫୁଲ ମେହେର)


ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ନୂଆପଡା ଜିଲା ସିନାପାଲିଠାରେ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜନ୍ମଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାବେଶରେ ମୁଖ୍ୟ ଅତିଥିଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ପଥିତଯଶା ଲେଖକ ଡ.ବାସୁଦେବ ସୁନାନୀ, ମୁଖ୍ୟବକ୍ତା ବିଶିଷ୍ଟ ପ୍ରବାଚକ କୃଷ୍ଣକେଶବ ଷଡଙ୍ଗୀ, ସମ୍ମାନିତ ଅତିଥିଭାବେ ବି.ସର୍ବେଶ୍ୱର ଜାଲ, ବିଇଓ ଯତୀନ୍ଦ୍ର କୁମାର ସେଠ ଉପସ୍ଥିତ ଥିଲେ। ସମିତିର ସଭାପତି ଯୁବ ଲେଖକ ବୈଷ୍ଣବ ମେହେର ଓ ସମ୍ପାଦକ ତରୁଣ କୁମାର ମେହେର ମଞ୍ଚାସୀନ ଥିଲେ । ଏ ଅବସରରେ କବି ଗଙ୍ଗାଧରଙ୍କ ସାହିତ୍ୟ ଓ ଜୀବନ ଉଭୟ ଅଙ୍ଗାଅଙ୍ଗୀ ଭାବେ ଜଡିତ ଏବଂ ଆଦର୍ଶର ବାହକ ବୋଲି କହିବା ସହ କବିଙ୍କ ସୃଷ୍ଟି ମାନବ ସମାଜକୁ ଆଲୋକର ପଥ ଦେଖାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତୁଳସୀରାମ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେରଙ୍କ ବାର୍ଷିକ ବିବରଣୀ ପଠନ ପରେ ଗାଳ୍ପିକ ଗୌରାଙ୍ଗ କୁମାର ସାହୁଙ୍କ ପରିଚାଳନାରେ ସମିତିର ମୁଖପତ୍ର ଅମୃତ ଗଙ୍ଗାର ଉନ୍ମୋଚନ କରାଯାଇଥିଲା। ଏଥିସହ କବିଙ୍କ ରଚିତ ବିଶ୍ୱ ଦେଖ ମଧୁମୟ ଗୀତକୁ ନେଇ ସଙ୍ଗୀତଜ୍ଞ ତ୍ରିନାଥ ମେହେରଙ୍କ ନିର୍ଦ୍ଦେଶନାରେ ତିଆରି ଅଡିଓ ଭିଡିଓକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ନାଟ୍ୟକାର ପରମେଶ୍ୱର ମୁଣ୍ଡ, ସାହିତ୍ୟିକ ଡ.ସୁଶାନ୍ତ କୁମାର ବିଶି, ଲେଖକ ବାସୁଦେବ ସୁନାନୀ ଓ ସାହିତ୍ୟ ବିଶାରଦ ଡା. କୃଷ୍ଣକେଶବ ଷଡଙ୍ଗୀଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧ୍ୟାପକ ନବୀନ ଚନ୍ଦ୍ର ମହେର ଓ ଧ୍ରୁବଚରଣ ପଧାନ ପରିଚାଳନା କରିଥିଲେ। ଏହି ଅବସରରେ ବିଗତ ଗୋଟିଏ ବର୍ଷ ମଧ୍ୟରେ ସମିତି ଦ୍ୱାରା ଆୟୋଜିତ ବିଭିନ୍ନ ସାହିତ୍ୟ ଆସରରେ ଅଂଶଗ୍ରହଣ କରିଥିବା କବି, ଆଲୋଚକଙ୍କୁ ପ୍ରଶସ୍ତି ପତ୍ର ସହ ସମ୍ମାନିତ କରାଯାଇଥିଲା। ଏଥିସହ ସମିତି ତରଫରୁ ସାମ୍ବାଦିକ ସଂଘକୁ ସମ୍ମାନିତ କରାଯାଇଥିଲା। ସାରସ୍ୱତ ସଭା ପରେ ସମିତି ଭବନ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ। ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ।

# କଣ୍ଟାବାଞ୍ଜି: ସ୍ୱାୟତ୍ତ ଶାସନ ଦିବସରେ ଗଣଦୌଡ଼

କଣ୍ଟାବାଞ୍ଜି,୩୧।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଥର ପାଇଁ ପରିଷଦର କର୍ମଚାରୀଙ୍କ ଏକ ଗଣଦୌଡ ପ୍ରତିଯୋଗୀତା ହୋଇଥିଲା । ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏନଏନ୍‌ସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ଏକ କି.ମି. ଦୌଡ ପ୍ରତିଯୋଗୀତା ହୋଇଥିଲା। ଏହାକୁ ବିଧାୟକ ସନ୍ତୋଷ ସିଂ ସାଲୁଜା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନଏସିନ୍‌ର ସମସ୍ତ କର୍ମଚାରୀ, କାଉନସିଲରଙ୍କ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଗଣଦୌଡ ହୋଇଥିଲା। ଗଣଦୌଡ ପରେ ନଗରପାଳ ବରିୟାମ ସିଂ ସାଲୁଜା ଏନଏସି କାର୍ଯ୍ୟାଳୟ ପରିସରରେ ଜାତୀୟ ପତକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ଉପାଧକ୍ଷା ମନୋରମା ରାଉତ, ଭାରାପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଅମୃତଲାଲ ବେହେରା, ଏମଇ. ଇଂ. ଅଶୋକ କୁମାର ପଟ୍ଟନାୟକ, ସିଓ ଜ୍ୟୋତ୍ସ୍ନାମୟୀ ବାରିକ ଏବଂ କାଉନସିଲର ଉପସ୍ଥିତ ଥିଲେ। ଏହା ପରେ ଏକ ସଭାରେ କର୍ମଠ କର୍ମଚାରୀ ଏବଂ ପୁରୁଷ ଗଣଦୌଡରେ ପ୍ରଥମ ହୋଇଥିବା ବିକାଶ ତାଣ୍ଡି, ଦ୍ୱିତୀୟ ବଳରାମ ସିନ୍ଦୁର, ତୃତୀୟ କ୍ଷୀରଧର କୁମ୍ଭାର ଓ ମହିଳା ଗଣଦୌଡରେ ପ୍ରଥମ ଆଶା ମଜଖଣ୍ଡ, ଦ୍ୱିତୀୟ ସୁରେଖା ରଣା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଘଟ ବେଶନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା।


ବିଧାୟକ ସନ୍ତୋଷ ସିଂ ସାଲୁଜା, ନଗରପାଳଙ୍କ ଉପସ୍ଥିତିରେ ଗଣଦୌଡର ଶୁଭାରମ୍ଭ କରୁଛନ୍ତି।

## ବ୍ୟକ୍ତିତ୍ୱ ପାଇଁ ଗଙ୍ଗାଧର ସବୁବେଳେ ପୂଜ୍ୟ ହୋଇ ରହିବେ

ଟିଟିଲାଗଡ଼,୩୧।୮(ଶରତ ମିଶ୍ର): ଟିଟିଲାଗଡର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ଼ ଛାୟାକାନ୍ତ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗ୍ରାଫଇଟ ଇଣ୍ଡିଆ ଲିମିଟେଡ଼, ପାଓମେକ୍ସ ଷ୍ଟିଲ ଡିଭିଜନ ଟିଟିଲାଗଡ଼ର ସହକାରୀ ପ୍ରବନ୍ଧକ ଡ଼.ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଏବଂ ମଦନପୁର-ରାମପୁରର ବିଶିଷ୍ଟ ସାହିତ୍ୟିକ ପଦ୍ମ ଲୋଚନ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ନିଜ ଗୁଣ ଏବଂ ବ୍ୟକ୍ତିତ୍ୱ ପାଇଁ ଗଙ୍ଗାଧର ମେହେର ସବୁଠାରୁ ଅଧିକ ପୂଜ୍ୟପୂଜାର ସମ୍ମାନ ପାଉଥିବା କବି ବୋଲି ବକ୍ତାମାନେ ମତ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସତ୍ୟବ୍ରତ ପଣ୍ଡା ସମ୍ପାଦକୀୟ ଭାଷଣ ପ୍ରଦାନ କରିଥିଲେ। ଉମେଶ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଜଗନ୍ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ରାଜୀବ ଲୋଚନ ପାଢ଼ୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଏହି ଅବସରରେ ସେବକ ଚରଣ ଦାଶଙ୍କ ପୁସ୍ତକ ସିଲି ଉନ୍ମୋଚନ ହୋଇଥିଲା। ଏହି ପୁସ୍ତକର ସମୀକ୍ଷା ଜ୍ୟୋତି ପ୍ରକାଶ ଗଡ଼ତ୍ୟା କରିଥିଲେ। ଅନୁଷ୍ଠାନର ସଦସ୍ୟ ପ୍ରମୋଦ ପାଲ, ବ୍ରହ୍ମାନନ୍ଦ ପୁହାଣ, ଅନିରୁଦ୍ଧ ସାହୁ, ଶର୍ମିଷ୍ଠା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ସ୍ୱଭାବ କବିଙ୍କ ଲେଖନିରେ ଥିଲା ଯାଦୁ

ଲାଠୋର,୩୧।୮(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମେହେରପଡ଼ା ଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ଗୁରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଆଞ୍ଚଳିକ ମେହେର(ଭୁଲିଆ) ସମାଜ ସଭାପତି ଲକ୍ଷ୍ମଣ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ରାମଚନ୍ଦ୍ର ମେହେର ଯୋଗଦେଇ ସ୍ୱଭାବ କବିଙ୍କ ଲିଖନିରେ ଯାଦୁ ରହିଥିଲା। ତାଙ୍କ ଲିଖନି ପାଇଁ ସାରା ପଶ୍ଚିମ ଓଡ଼ିଶାର ପରିଚୟ ବିଶ୍ୱ ଦରବାରରେ ପହଞ୍ଚିଛି ବୋଲି କହିଥିଲେ। ସଭାରେ ଲାଠୋର ସରକାରୀ ନୋଡ଼ାଲ ବିଦ୍ୟାଳୟ ସମ୍ମୁଖ ମେହେର ପଡ଼ା ଛକରେ ଆଗାମୀ ଦିନରେ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଆଲୋଚନା ହୋଇଥିଲା। ସୀତାରାମ ମେହେର କାର୍ଯ୍ୟକ୍ରମ ପରିଚାଳନା, ଧନ୍ୟବାଦ ଅର୍ପଣ କରିଥିଲେ ଜୟସିଂ ମେହେର। ଏହି ଅବସରରେ ଭୋଜରାଜ ମେହେର,ଅମୃତ ମେହେର, ବାଲେଶ୍ୱର ମେହେର, ସୁବାଷ ମେହେରଙ୍କ ସହ ମହିଳା ପୁରୁଷ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ୬୧ବୋତଲ କଫ୍‌ସିରପ ଜବତ, ୨ଗିରଫ

ଖପ୍ରାଖୋଲ, ୩୧।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ୬୧ବୋତଲ କଫ ସିରପ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ଖପ୍ରାଖୋଲ ପୋଲିସ ତରଫରୁ ଖପ୍ରାଖୋଲ-ଲାଠୋର ରାସ୍ତାରେ ପାଟ୍ରୋଲିଙ୍ଗ କଲାବେଳେ ଜଣେ ବାଇକ ଆରୋହୀ ଭୟରେ ପଳାଉଥିଲେ। ତାଙ୍କୁ ଅଟକାଇ ପୋଲିସ ତନଖି କରିବାରୁ ୬୧ ବୋତଲ ବେଆଇନ କଫ ସିରପ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଡା ଜିଲା କୋମନା ଥାନା ପାଇକ ପଡ଼ାର ମାଧବ ନାଏକ (୩୫) ଓ ଲାଠୋର ଥାନା ମାଲପଡ଼ାର କ୍ଷୀରଧର ବାରିକ (୪୦)। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୫୨/୨୩)ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ୬୧ବୋତଲ କଫ ସିରପ ବୋତଲ ସହ ବାଇକ, ଦୁଇଟି ମୋବାଇଲ, ଗୋଟିଏ ଷ୍ଟ୍ରିପ ନିଶା ବାଟିକା ଜବତ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।


ପୋଲିସ ଜବତ କରିଥିବା କଫସିରପ ଓ ଗିରଫ ୨ଅଭିଯୁକ୍ତ।

# ଅଲେଖ ଧର୍ମାବଲମ୍ବୀଙ୍କ ନୂଆଁଖାଇ ପାଳିତ

ଖଡ଼ିଆଳ,୩୧।୮(ସୁଜିତ କୁମାର ପ୍ରଧାନ)


ଅଲେଖ ଧମ୍ମାବଲମ୍ବୀମାନେ ଜୁହାର ଭେଟ ହେଉଛନ୍ତି।

ଭାଦ୍ରବ ପଞ୍ଚମୀ ତିଥିରେ ପଶ୍ଚିମ ଓଡିଶାବାସୀ ନୂଆଅନ୍ନ ଖାଇଥାନ୍ତି। ହେଲେ ନୂଆପଡା ଜିଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ଐତିହାସିକ ଯୋଗୀମଠ ପାହାଡ଼ଦେଶରେ ଥିବା ବାବା ମଠର ଅଲେଖ ଧର୍ମାବଲମ୍ବୀମାନେ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ନୂଆଁଖାଇ ପାଳନ କରିଥାନ୍ତି। ଗୁରୁବାର ସେମାନେ ନୂଆ ଅନ୍ନ ଖାଇଛନ୍ତି। ମଠର ମୁଖ୍ୟ ବାବା ଲଛମନଙ୍କ ସମେତ ସାଧୁସନ୍ଥ ଓ ମହିମା ଭକ୍ତ ନୂଆ ଖାଇଥିଲେ। ନୂଆଁଖାଇ ପରମ୍ପରା ସମାନ ରହିଥିଲେ ହେଁ ଅଲେଖ ଧର୍ମାବଲମ୍ବୀ ସାଧୁ ସନ୍ଥମାନଙ୍କ ଅଲଗା ଧର୍ମ ବିଶ୍ୱାସ ରହିଛି। ଅନ୍ୟ ଦେବାଦେବୀଙ୍କୁ ଲାଗି ହେବା ପୂର୍ବରୁ ମହିମା ଗୋସାଇଁଙ୍କୁ ପ୍ରଥମ ଭୋଗ ଦେବାର ପରମ୍ପରା ଅନୁସାରେ ଏହା ପାଳନ କରାଯାଏ। ପଶ୍ଚିମ ଓଡିଶା ସମେତ ଛତିଶଗଡ଼ର ଭକ୍ତମାନେ ଏହି ମଠକୁ ଆସି ନବାନ୍ନ ଭକ୍ଷଣ କରିଥାନ୍ତି। ଗୁରୁବାର ପଶ୍ଚିମ ଓଡିଶାର ଅନ୍ୟାନ୍ୟ ଅଲେଖ ଧର୍ମାବଲମ୍ବୀଙ୍କ ଭଳି ନୂଆପଡା ଜିଲାର ତୁକଲା ବାବା ମଠ, ସିନାପାଲି ବ୍ଲକ ଶରଧାପୁର ବାବା ମଠ, ବୋଡ଼େନ ବ୍ଲକ ପାତାଳ ଗଙ୍ଗା ମଠରେ ନୂଆ ଅନ୍ନ ଖାଇଥିଲେ। ପ୍ରଥମ ଅମଳ ହେଉଥିବା (ଆଟ ଧାନ )କୁ ନୂଆପାତ୍ରରେ ସଂଗ୍ରହ କରି ଅଲେଖ ମଠରେ ରଖିଥିଲେ। ଏହା ମାଟି ପାତ୍ରରେ ନୂଆଧାନକୁ ନିଆଁରେ ଭାଜିବା ପରେ ଗୁଣ୍ଡ କରି ଚୂଡା ପ୍ରସ୍ତୁତ କରିଥିଲେ। ପରେ, ଘିଅ, ଗୁଡ, ପଞ୍ଚାମୃତ, କଦଳୀ, ନଡ଼ିଆ ମିଶାଇ ନବାନ୍ନ ତିଆରି ହୋଇଥିଲା। ଅଲେଖ ଗୋସାଇଁଙ୍କୁ ନବାନ୍ନ ଟେକିବା ପରେ ସାଧୁ ସନ୍ଥମାନେ ମିଳିତ ଭାବରେ ନୂଆ ଅନ୍ନ ଭକ୍ଷଣ କରିଥିଲେ ଓ ଜୁହାର ଭେଟ ହୋଇଥିଲେ। ଏହା ପରେ ସାଧୁସନ୍ଥ ବିଶ୍ୱର ମଙ୍ଗଳ କାମନା କରି ଅଲେଖ ମହିମାଙ୍କୁ ସାମୂହିକ ପ୍ରାର୍ଥନା କରିଥିଲେ। ମଠର ମୁଖ୍ୟ ଲଛମନ ବାବା, ଧବଳେଶର ଦାସ, ସାବିତ୍ରୀ ଭକ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ଦିବସ

ଖପ୍ରାଖୋଲ, ୩୧।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍କୃତ ଶିକ୍ଷୟିତ୍ରୀ ଚେତାବନୀ ସିଂଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଅଧକ୍ଷା ଦମୟନ୍ତୀ ମହାରଣା, ସମ୍ମାନିତ ଅତିଥି ଶିକ୍ଷକ ବିକାଶ ସାହୁ, ପ୍ରତାପ ରୁଦ୍ର ବିଶି ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସଂସ୍କୃତ ଭାଷାରେ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତ ନାଟକ ମଞ୍ଚସ୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ସାହୁ, ସମ୍ବିତ ଥନାପତି, ଯୁନେସ କୁମାର ସାହୁ, ସଞ୍ଜବତି ଭୋଇ, ସସ୍ମିତା ପ୍ରଧାନ, ମଧୁସ୍ମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ଲକ୍ଷ ଟଙ୍କାର ୩ଟି ଆକାଉଣ୍ଟ ଫ୍ରିଜ୍, ଗୋଦାମ ସିଲ୍

## ନକଲି ବ୍ରାଣ୍ଡ ଗାର୍ମେଣ୍ଟସ୍ ଜବତ ଘଟଣା

ବଲାଙ୍ଗୀର ଅଫିସ,୩୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ବୁଧବାର ସହରର ଲଖାନୀ ନିଉ ଗାର୍ମେଣ୍ଟସ୍‌ରେ ଚଢ଼ାଉ କରି ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ନକଲି ବ୍ରାଣ୍ଡର ରେଡିମେଡ ଲୁଗାପଟା ଜବତ କରି ଦୋକାନ ମାଲିକ ରାଜେଶ କୁମାର ଲଖାନୀ (୫୩)ଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଧିକ ତଦନ୍ତ କରି ଟାଉନ୍ ଥାନା ପୋଲିସ ଲଖାନୀ ଗାର୍ମେଣ୍ଟସ୍‌ର ୧୭ ଲକ୍ଷ ଟଙ୍କାର ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବା ସହ ଭାଲେର ଛକରେ ରହିଥିବା ଏକ ଗୋଦାମ ଘରକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଛି। ମୁମ୍ବାଇରୁ ଆସିଥିବା ମେସର୍ସ ନେତ୍ରିକା କନ୍‌ସଲ୍‌ଟିଂ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ସ୍ୱୀକୃତିପ୍ରାପ୍ତ ଅଧିକାରୀ ଦୀପେଶ ଗୁପ୍ତା ବୁଧବାର ଟାଉନ୍ ଥାନାକୁ ଆସି ବ୍ରାଣ୍ଡେଡ୍ ଲୁଗାପଟା ବେପାରରେ କପିରାଇଟ୍ ଉଲ୍ଲଂଘନ କରାଯାଉଥିବା ଲିଖିତ ଭାବେ ଅଭିଯୋଗ କରିଥିଲେ। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ମାମଲାର ଗୁରୁତ୍ୱ ଉପଲବ୍ଧି କରି ଏହାରି ଭିତରେ ଆନ୍ତଃରାଜ୍ୟ ରାକେଟ୍ ସକ୍ରିୟ ଥିବା ଅଭିଯୋଗକୁ ଭିତ୍ତିକରି ଏକ ସ୍ୱତନ୍ତ୍ର ପୋଲିସ ଅନୁସନ୍ଧାନ ଟିମ୍ ଗଠନ କରିଥିଲେ। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗାନ୍ଧୀନଗର ବାଇପାସ୍ ନିକଟରେ ଥିବା ଲଖାନୀ ଗାର୍ମେଣ୍ଟସ୍‌ର ଗୋଦାମ ଘରେ ଚଢ଼ାଉ କରିଥିଲେ। ଏହି ମାମଲାରେ ଗୁରୁବାର ଟାଉନ୍ ପୋଲିସ ଟିମ୍ ଭାଲେର ଛକଠାରେ ଥିବା ଏକ ଗୋଦାମ ଘରେ ଚଢ଼ାଉ କରିଥିଲା। ସେଠାରେ ନକଲି ଲୁଗାପଟାରେ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ଲୋଗୋ, ଷ୍ଟିକର ଲଗାଯାଇ ଏହାକୁ ଦାମୀବ୍ରାଣ୍ଡର ଲୁଗାପଟା କରାଯାଉଥିଲା। ଏଠାରେ ପୋଲିସ ଟିମ୍ ପହଞ୍ଚିବା ପରେ ଅଜସ୍ର ଲୁଗାପଟା ଥିବା ଦେଖି ଏହାକୁ ସିଲ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତହସିଲଦାରଙ୍କ ଉପସ୍ଥିତିରେ ଏହାକୁ ସିଲ୍ କରାଯାଇଛି। ଆଗକୁ ଏଠାରେ ତଦନ୍ତ କରାଗଲେ ଅନେକ ତଥ୍ୟ ଜଣାପଡିବ ବୋଲି ଏସ୍‌ଡିପିଓ ତୋଫାନ ବାଗ୍ କହିଛନ୍ତି। ଏହାସହିତ ପୋଲିସ ପକ୍ଷରୁ ସିଟି, ଜିଏସ୍‌ଟି ବିଭାଗକୁ ମଧ୍ୟ ସୂଚନା ଦିଆଯାଇ ଟ୍ୟାକ୍ସ ଫାଙ୍କି ସମ୍ପର୍କର ତଦନ୍ତ କରିବାକୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ କୋଟି କୋଟି ଟଙ୍କାର ଟ୍ୟାକ୍ସ ଫାଙ୍କି କରିଥିବା ଅନୁମାନ କରାଯାଉଛି। ଏହା ସହିତ ଗୋଦାମ ରହିଥିବା ଜାଗାଟି ସରକାରୀ ଜମିରେ ରହିଛି ନା ନାହିଁ ତାକୁ ମଧ ଯାଞ୍ଚ କରାଯିବ ବୋଲି ଏସ୍‌ଡିପିଓ ବାଗ କହିଛନ୍ତି। ନକଲି କପଡାରେ ଦାବି ବ୍ରାଣ୍ଡର ଲଗୋ ବ୍ଯବହାର କରି ଗ୍ରାହକଙ୍କୁ ଠକାମୀ କରୁଥିବା ଏହି ଦୋକାନୀ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଲୋକେ ଦାବି କରିବା ସହ ସହରର ଅନ୍ୟ ଲୁଗାପଟା ଦୋକାନୀଙ୍କ ଶୋରୁମ୍ ଏବଂ ଗୋଦାମ ଯାଞ୍ଚ କରିବାକୁ ଦାବି ହେଉଛି।

# 'ବଦଳୁଛି ଦାବି, ବଦଳୁଛି ଚିନ୍ତାଧାରା'

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ

- ସଫେଇ କର୍ମଚାରୀ, ପୌର କର୍ମଚାରୀଙ୍କୁ ସମ୍ମାନିତ କଲେ
- ଜନସାଧାରଣଙ୍କୁ ବାଣ୍ଟିଲେ ଏଲଆରସି

ବଲାଙ୍ଗୀର ଅଫିସ,୩୧।୮
(ବୀରେନ୍ଦ୍ର କୁମାର ଝାଙ୍କର)



ନିଖିଳ ଭାରତ ସ୍ୱୟାତ୍ତ ଶାସନ ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ ଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ ଅତିଥି ଭାବେ ଯୋଗଦାନ କରିଥିଲେ। ପୌରାଧକ୍ଷା ଲିକା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କବି ବିଜୟ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

ମୁଖ୍ୟଅତିଥି ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ସ୍ୱାୟତ୍ତ ଶାସନର ଅସଲ ବାର୍ତ୍ତା ସମ୍ପର୍କରେ କହିବା ସହ ଲୋକେ କିଭଳି ସଚେତନ ହେଉଛନ୍ତି କହିଥିଲେ। ଲୋକଙ୍କ ଦାବି କିଭଳି ବଦଳୁଛି ସେ କହିଥିଲେ। ପୂର୍ବରୁ ଲୋକେ ଭତ୍ତା, ଡ୍ରେନ୍ ପାଇଁ ଦାବି କରୁଥିଲେ। ଏବେ ପାର୍କ ଏବଂ ବଡ ପ୍ରକଳ୍ପ ବିଷୟରେ ଦାବି କରୁଛନ୍ତି। ଏଥିରୁ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନର ସଙ୍କେତ ମିଳୁଛି ବୋଲି କହିଥିଲେ। ବଲାଙ୍ଗୀର ପୌର ପ୍ରଶାସନ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ବଲାଙ୍ଗୀରରେ ଆଗାମୀ ଦିନରେ ପ୍ରାୟ ୩ କୋଟି ଟଙ୍କା ଲେଖା ବ୍ୟୟ ଅଟକଳରେ ୬ଟି କଲ୍ୟାଣ ମଣ୍ଡପ ତିଆରି ହେବ ବୋଲି ସୂଚନା ଦେଇଥିଲେ। ଏସପି ଖିଲାରୀ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ସହରରେ ପୋଲିସ ପ୍ରଶାସନ ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରାମିକତା ଦେଇଆସିଛି। ସହରରେ ଯେଉଁ ସ୍ଥାନରେ କୌଣସି ଆଇନଶୃଙ୍ଖଳା ଜନିତ ଅସୁବିଧା ହେଲେ ପୋଲିସକୁ ଖବର ଦେବାକୁ ସେ କହିଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ଆଲୋକୀକରଣ ଏବଂ ପୋଲିସ ପକ୍ଷରୁ ସିସିଟିଭି ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପୌରାଧକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଭଳି ମ୍ୟୁନିସିପାଲିଟି ଉନ୍ନତି ଦିଗରେ ବିଭିନ୍ନ ପ୍ରକଳ୍ପ ଜରିଆରେ ସହାୟତା ପ୍ରଦାନ କରୁଛନ୍ତି ସୂଚନା ଦେଇଥିଲେ। ପୌର ପାଳିକା ମଧ ସବୁପ୍ରକାର ଜନକଲ୍ୟାଣକାରୀ କାର୍ଯ୍ୟକୁ ପ୍ରାଥମିକତା ଦେଉଥିବା କହିଥିଲେ। ପୌର ଉପାଧକ୍ଷା ଗାୟତ୍ରୀ ଭୋଇ ଧନ୍ୟବାଦ ଦେଇଥିଲେ। କାଉନସିଲର ଶମ୍ଭୁ ନାଗ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାମ କରିଥିବା ସଫେଇ କର୍ମଚାରୀ, ଟ୍ୟାକ୍ସ ସଂଗ୍ରହକାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର, ସମସ୍ତ ପୌର କର୍ମଚାରୀ, ସଫେଇ କର୍ମଚାରୀ, ଜନସାଧାରଣ ଯୋଗଦାନ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟୁତ୍ ଆଘାତରେ ମହିଳା ଗୁରୁତର

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ବ୍ଲକ ସାହାଜପାଲ ନିକଟ କନେକପୁର ଗ୍ରାମରେ ଗୁରୁବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ରେଣୁକା ଷାଣ୍ଡ। ମିଳିଥିବା ସୂଚନା ଅନୁଯାୟୀ ରେଣୁକା ନିଜ ଘର କାନ୍ଥ ଲିପାପୋଛା କରିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ସଂକ୍ଷେପରେ

### ପାତାଳୀ ଶ୍ରୀକ୍ଷେତ୍ରରୁ ଚୋରି ଅଭିଯୋଗରେ ଦୁଇ ନାବାଳକ ଅଟକ

ଅମରପାଲି,୩୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପାତାଳୀ ଶ୍ରୀକ୍ଷେତ୍ରସ୍ଥିତ ଛଳିଆ ପାହାଡ ଗୁମ୍ଫା ଭିତରେ ଥିବା ହୁଣ୍ଡିରୁ କେତେଜଣ ନାବାଳକ ଚୋରି କରୁଥିଲେ। ଗୁମ୍ଫା ଦେଖିବାକୁ ଯାଉଥିବା ପର୍ଯ୍ୟଟକମାନେ ଏହା ଦେଖି ମନ୍ଦିର କମିଟିକୁ ଖବର ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସେଠାକୁ ଯାଇ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ହେଲେ ଦୁଇ ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ସମ୍ପୃକ୍ତ ଦୁଇ ନାବାଳକଙ୍କୁ ପୋଲିସ ଜିମା ଦିଆଯାଇଥିଲା। ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

### ଜିଲାର ପ୍ରଥମ ଓପୋଲଫେଡ଼ ଚିକେନ ଫ୍ରେସ ଉଦ୍‌ଘାଟିତ

ସୋନପୁର,୩୧।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲାର ପ୍ରଥମ ଓପୋଲଫେଡ଼ ଚିକେନ ଫ୍ରେସ ବିକ୍ରୟ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଓପୋଲଫେଡ଼ର ସଭାପତି ଉଲେଶ୍ୱର ସ୍ୱାଇଁ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷ ତାମସୀ ତମସ୍ୱିତା ନାୟକ, ଓପୋଲଫେଡ଼ ବିପଣନ ଅଧିକାରୀ ରତ୍ନାକର ରାଉତ ଓ ତରଣୀ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି କେନ୍ଦ୍ର ମାଧ୍ୟମରେ ସୁବର୍ଣ୍ଣପୁର ସହର ନିକଟବର୍ତ୍ତୀ କ୍ଷୁଦ୍ର ଓ ମଧ୍ୟମ କୁକୁଡ଼ା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଦ୍ୱାରା ଉତ୍ପାଦିତ ଅଣ୍ଡା ଓ କୁକୁଡ଼ା ଉଚିତ ମୂଲ୍ୟରେ ବିକ୍ରି କରିପାରିବେ ବୋଲି ବିପଣନ ଅଧିକାରୀ ସାହୁ ସୂଚନା ଦେଇଥିଲେ।

### ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ଘଣ୍ଟାପଡା,୩୧।୮(ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମନହିରା ରକ୍ଷା ବନ୍ଧନର ମହତ୍ତ୍ୱ ବିଷୟରେ କହିଥିଲେ। ସମସ୍ତ ଶିଶୁ ଭଉଣୀଭାଇ ପରସ୍ପରକୁ ରାଖୀ ବାନ୍ଧି ଖୁସି ମନାଇଥିଲେ। ବିଦ୍ୟାଳୟର ଅଭିଭାବକ ତଥା ଶୁଭେଚ୍ଛୁ ଏଥିରେ ସାମିଲ ହୋଇଥିଲେ। ଆଚାର୍ଯ୍ୟା ବେଦମତୀ କୁଦେଇ, ମମିତା ରଣା, ଅଙ୍କିତାଶ୍ରୀ ମହାରଣା, ଆଚାର୍ଯ୍ୟ ରୋଶନ ସାହୁ, ସୁଶାନ୍ତ ମାଝି ସହଯୋଗ କରିଥିଲେ।

### ଜୟନ୍ତୀରେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା

ବଘିଆପଡା,୩୧।୮((ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣ ନଗରଠାରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ସହ ଜୟନ୍ତୀ ପାଳିତ ହୋଇଯାଇଛି। ନାରାୟଣ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେହେର ସମାଜର ମୁଖିଆ କୁଶ ମେହେର ପୂଜାକାର୍ଯ୍ୟ କରିଥିବା ବେଳେ ରଘୁନାଥ ମେହେର ଓ ଭଗବାନ ମେହେର ସହଯୋଗ କରିଥିଲେ। ଏକ ସୁସଜ୍ଜିତ ବିମାନରେ କବିଙ୍କ ପ୍ରତିଚ୍ଛବିକୁ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ମେହେର ସମାଜର ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗଦେଇ କବିଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମେହେର, ଉପେନ୍ଦ୍ର ମେହେର, ପ୍ରମୋଦ ମେହେର, ବନମାଳୀ ମେହେର, ଗୋବିନ୍ଦ ମେହେର, ରାଜକିଶୋର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ଖବରଦାତା ନବକିଶୋର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀ ଉପରେ ନିର୍ମାଣ ହେବ ସୁଉଚ୍ଚ ସେତୁ

- ଇପିସି ମୋଡରେ ଟେଣ୍ଡର ଆହ୍ୱାନ
- ୧୭୩୬ ମିଟର ଲମ୍ବ ବିଶିଷ୍ଟ ବାଉଁଶୁଣୀ-ବୀରମହାରାଜପୁର ସେତୁ

ସୋନପୁର,୩୧।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କ ପାଇଁ ଖୁସି ଖବର। ବୌଦ୍ଧ ଜିଲାର ବାଉଁଶୁଣୀରୁ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁରକୁ ମହାନଦୀ ଉପରେ ନିର୍ମାଣ ହେବ ହାଇ ଲେବୁଲ(ସୁ ଉଚ୍ଚ) ସେତୁ। ସୋନପୁର ନିକଟସ୍ଥ ମହାନଦୀ ସେତୁଠାରୁ ବୀରମହାରାଜପୁରରେ ପ୍ରସ୍ତାବିତ ସେତୁର ଦୂରତା ମାତ୍ର ୧୭ କିଲୋମିଟର। ସେହିପରି ବୌଦ୍ଧ-ଟିଆକଟା ସେତୁଠାରୁ ପ୍ରସ୍ତାବିତ ବାଉଁଶୁଣୀ ସେତୁର ଦୂରତା ପ୍ରାୟ ୨୭ କିଲୋମିଟର ହେବ। ଏହି ସେତୁ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ନିକଟରେ ଅନୁମୋଦନ କରିଥିଲେ। ସେତୁ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ ଓଡିଶାର ମୁଖ୍ୟଯନ୍ତ୍ରୀ ଗତ ୨୮ ତାରିଖରେ ଟେଣ୍ଡର ଆହ୍ୱାନ କରିଛନ୍ତି। ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକଶନ) କଣ୍ଟ୍ରାକ୍ଟ ବେସିସରେ ଟେଣ୍ଡର ଆହ୍ୱାନ କରାଯାଇଛି। ସେପ୍ଟେମ୍ବର ୧ ତାରିଖ ସକାଳ ୧୦ଟାରୁ ସେପ୍ଟେମ୍ବର ୨୭ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସୁପର କ୍ଲାସ କଣ୍ଟ୍ରାକ୍ଟର ମାନେ ହିଁ ଅନ୍‌ଲାଇନରେ ଆବେଦନ କରିପାରିବେ। ସେପ୍ଟେମ୍ବର ୨୮ ତାରିଖରେ ଟେଣ୍ଡର ଖୋଲାଯିବ। ବୌଦ୍ଧ ଜିଲାରେ ମହାନଦୀ ଉପରେ ଏହି ଦ୍ୱିତୀୟ ସୁ ଉଚ୍ଚ ସେତୁ ନିର୍ମାଣ ପାଇଁ ଷ୍ଟେଟ୍ ପ୍ଲାନରେ ପ୍ରାୟ ୧୫୦ କୋଟି ବ୍ୟୟ ହେବ। ୧୨ ମିଟର ଚଉଡା ବିଶିଷ୍ଟ ସେତୁର ଉଭୟ ପାର୍ଶ୍ୱରେ ଫୁଟପାଥ ରହିବ। ସେତୁର ଲମ୍ବ ୧୭୩୬ ମିଟର ଓ ଏଥିରେ ମୋଟ ୨୮ଟି ସ୍ପାନ ରହିବ ବୋଲି ଜଣାପଡିଛି। ସେହିପରି ୬୨ ମିଟର ଦୂରତାରେ ଗୋଟିଏ ଲେଖାଏଁ ସ୍ପାନ ରହିବ। ବୌଦ୍ଧ ପୂର୍ତ୍ତ ବିଭାଗ ଅଧୀନରେ ଏହି ସେତୁ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୀରମହାରାଜପୁର ଗସ୍ତ ସମୟରେ ବୀରମହାରାଜପୁର-ବାଉଁଶୁଣୀ ସେତୁ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ପରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ବିଧାନସଭା କମିଟି ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ସର୍ଭେ ପରେ ଏହି ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ଜୁଲାଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତ ସମୟରେ ବୀରମହାରାଜପୁର ଅଧିବାସୀ ପ୍ରସ୍ତାବିତ ସେତୁ ନିର୍ମାଣ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ସେହିପରି ବୌଦ୍ଧ ଜିଲାବାସୀଙ୍କ ପକ୍ଷରୁ ମହାନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ସେତୁ ନିର୍ମାଣ ହେଲେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ଅଧିବାସୀଙ୍କ ପାଇଁ ଯୋଗାଯୋଗ ସହଜ ହେବ। ଦୂରତା ହ୍ରାସ ପାଇବା ସହ ପୂର୍ବ ଓ ପଶ୍ଚିମ ଓଡିଶା ସହିତ ଯୋଗାଯୋଗ ହୋଇପାରିବ। ଏହି ସେତୁ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିବାରୁ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


ବୌଦ୍ଧ ଜିଲାର ବାଉଁଶୁଣୀ ନିକଟରେ ମହାନଦୀ ଉପରେ ପ୍ରସ୍ତାବିତ ସେତୁ ନିର୍ମାଣ ସ୍ଥାନ।

# ସମୂହ ଛୁଟିରେ ଓଡ଼ିଶା କୃଷି ସେବା ସଂଘ ଅଧିକାରୀ

**କ୍ୟାଡର ପୁନର୍ବିନ୍ୟାସ ଦାବି**

ସୋନପୁର,୩୧।୮(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା କୃଷି ସେବା ସଂଘର ସମସ୍ତ ଅଧିକାରୀ ଗୁରୁବାରଠାରୁ ସମୂହ ଛୁଟିରେ ରହିଛନ୍ତି। ସୁବର୍ଣ୍ଣପୁର ଜିଲାର ସମସ୍ତ ୨୦ କୃଷି ସେବା ଅଧିକାରୀ ଛୁଟିରେ ରହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲା ମୁଖ୍ୟାଳୟ ଓ ବ୍ଲକ ସ୍ତରରେ କାର୍ଯ୍ୟରତ କୃଷି ଜିଲା ଅଧିକାରୀ, ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଫଳରେ ଜିଲାର ଚାଷୀ କୃଷିକାର୍ଯ୍ୟ ସମ୍ପର୍କିତ ପରାମର୍ଶ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଦୋଳନ ଜାରି ରହିଲେ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେବାରେ ସମସ୍ୟା ସୃଷ୍ଟି ହେବ। ସୂଚନା ଅନୁଯାୟୀ କ୍ୟାଡର ପୁନର୍ବିନ୍ୟାସ ପାଇଁ କୃଷି ସେବା ସଂଘ ଦୀର୍ଘ ବର୍ଷ ଧରି ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଛି। କିନ୍ତୁ ବିଡମ୍ବନାର ବିଷୟ ସରକାରଙ୍କ ପକ୍ଷରୁ ଦିଆ ଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇନି। ତେଣୁ ସଂଘ ପକ୍ଷରୁ ସମୂହ ଛୁଟି ଭଳି ଚରମ ପଦକ୍ଷେପ ନିଆଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୂତି ଭୂଷଣ ମିଶ୍ର, ସ୍ୱସ୍ତିକ ପଣ୍ଡା, ରଶ୍ମିରଞ୍ଜନ ଟପ୍ପୋ ଓ ସୁଶ୍ରୀସ୍ମିତା ପଣ୍ଡା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

# ଗାଁ ରାସ୍ତା, ଡ୍ରେନ୍ ସଫା କଲେ ମହିଳା


ମହିଳାମାନେ ରାସ୍ତା କାମ କରୁଛନ୍ତି।

ତଳଗାଁ,୩୧।୮(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଡାକପଦର ହରିଜନ ସାହି ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ସାହି ବାସିନ୍ଦା ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗ୍ରାମରେ ଥିବା ଖୋଲାକୂଅ ଓ ଡ୍ରେନ୍ ସଫେଇ ହେଉ ନ ଥିବାରୁ ଲୋକେ ରୋଗରେ ପୀଡିତ ହେଉଛନ୍ତି। ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ଗାଁ ମହିଳା ଏକାଠି ହୋଇ ଆଲୋଚନା କରିଥିଲେ। ଗୁରୁବାର ସେମାନେ ରାସ୍ତା ମରାମତି କରିବା ସହ କୂଅ ଓ ଡ୍ରେନ୍ ସଫା କରିଛନ୍ତି। ଏଥିରେ ଗ୍ରାମର ୫୦ରୁ ଅଧିକ ମହିଳା ସାମିଲ ଥିଲେ।

# କ୍ୟାଡର ପୁନର୍ବିନ୍ୟାସ ଦାବିରେ କୃଷି ଅଧିକାରୀଙ୍କ ଆନ୍ଦୋଳନ


କାର୍ଯ୍ୟାଳୟ ଆଗରେ ଆନ୍ଦୋଳନରେ କୃଷି ଅଧିକାରୀ।

ବୌଦ୍ଧ,୩୧।୮(ଅଜିତ କୁମାର ବାରିକ)

ଓଡିଶା କୃଷି ସେବା ସଂଘ ଡାକରାରେ କ୍ୟାଡର ପୁନର୍ବିନ୍ୟାସ ଦାବିରେ ଗୁରୁବାର ସାରା ରାଜ୍ୟର କୃଷି ବିଭାଗ ଅଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୌଦ୍ଧ ଶାଖା ପକ୍ଷରୁ ମଧ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭାଗର ସମସ୍ତ ଅଧିକାରୀଙ୍କ ସହିତ ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ଅଧିକାରୀ ଆନ୍ଦୋଳନରେ ବସିଥିବା ଜଣାପଡିଛି। କୃଷି ଅଧିକାରୀ ସରକାରଙ୍କ ସମସ୍ତ ଯୋଜନା ଠିକ ଭାବେ ପାଳନ କରିଆସୁଥିବା ବେଳେ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। କ୍ୟାଡରର ଦୁଇ ଦଶନ୍ଧି ପରେ ୨୦୧୩ ମସିହା ପରଠାରୁ ସେମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ସରକାରଙ୍କୁ ସମ୍ମାନ ଜଣାଇ ବିଭିନ୍ନ ପଦକ୍ଷେପ ନେଉଛନ୍ତି। କିନ୍ତୁ ସେମାନଙ୍କ କ୍ୟାଡରେ ବହୁ ଅସଙ୍ଗତି ଥାଇ ପଦୋନ୍ନତି ଦିଆଯାଇପାରୁନାହିଁ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଆନ୍ଦୋଳନରେ ମୁଖ୍ୟ ଜିଲାକୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଯୋଗେନ୍ଦ୍ର ମହାପାତ୍ର, ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସହିତ ୨୦ଜଣ ଅଫିସର ସାମିଲ ଥିଲେ।

# ଚକ୍ଷୁଦାନ ପକ୍ଷ ପାଳିତ

ସୋନପୁର,୩୧।୮(ନି.ପ୍ର)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସୋନପୁର ସରକାରୀ ଏଏନଏମ ତାଲିମ କେନ୍ଦ୍ରରେ ଜିଲାସ୍ତରୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ଅନୁଷ୍ଠିତ ସଚେତନତା ସଭାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି ଓ ଲେପ୍ରୋସି) ଡା. ପଦ୍ମହଂସ ଦୋରା, ଚକ୍ଷୁ ବିଶେଷଜ୍ଞ ଡା.ସଞ୍ଜୀବ କୁମାର କର ଓ ଏଏନଏମ ତାଲିମ କେନ୍ଦ୍ରର ଅଧକ୍ଷା କନକଲତା ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଚକ୍ଷୁଦାନ ଏକ ମହତ କାର୍ଯ୍ୟ। ଯାହା ଦୃଷ୍ଟିହୀନଙ୍କୁ ଚକ୍ଷୁ ପ୍ରଦାନ କରି ନୂଆ ଆଲୋକ ପ୍ରଦାନ କରିଥାଏ ବୋଲି କହିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏଏମଏନସିଡି ଗୀତାଞ୍ଜଳୀ ମେହେର, ଏସଆଇ ମନୋଜ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ୧୦ ଜଣ କୃତି ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

ବାଉଁଶୁଣୀ, ୩୧।୮(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣି ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଆଞ୍ଚଳିକ ଭୁଲିଆ ସମାଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅଁଳାପଲି ସରପଞ୍ଚ ଅଜିତ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁଲିଆ ସମାଜର ବରିଷ୍ଠ ସଭ୍ୟ ହରିହର ମେହେର ଯୋଗଦେଇ ବକ୍ତବ୍ୟ ରଖିଥିଷଲ। ସମ୍ମାନିତ ଅତିଥି ଭାବେ ଗଣ୍ଡାଧର ମେହେର, ଲୋକନାଥ ମେହେର ଓ ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କରୁଣାକର ଘଣ୍ଟୁଆଳ ଯୋଗଦେଇ କବିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବାଉଁଶୁଣି ଆଞ୍ଚଳିକ ମେହେର ଭୁଲିଆ ସମାଜର ସଭାପତି ସୁଜିତ ମେହେର, ଉପସଭାପତି ବିଶିକେଶନ ମେହେର, ସମ୍ପାଦକ ଜଗନ୍ନାଥ ମେହେର, କୋଷାଧକ୍ଷ ନବଘନ ମେହେରଙ୍କ ସମେତ ତିନୋଟି ପଞ୍ଚାୟତର ଶତାଧିକ ମେହେର ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ।

# ବର୍ଷା ଅଭାବ, ଚାଷ ସ୍ଥିତି ସଙ୍ଗିନ

ପଦ୍ମପୁର,୩୧।୮(ପ୍ରଦୀପ୍ତ ଦାଶ)

ଶ୍ରାବଣ ମାସ ସରିଗଲା। ମାତ୍ର ଯେତିକି ବର୍ଷା ହେବା କଥା ତାହା ହେଲାନାହିଁ। ଅଗଷ୍ଟ ମାସରେ ପଦ୍ମପୁର ଉପଖଣ୍ଡରେ ୩୭୪ ମିମି ବର୍ଷା ହେବା କଥା। ମାତ୍ର ୨୩୧ ମିମି ବର୍ଷା ରେକର୍ଡ ହୋଇଛି। ଏହି ମାସରେ ମାତ୍ର ୫ଦିନ ବର୍ଷା ହୋଇଥିବା ବେଳେ ସେଥିରୁ ୩ଦିନ କାଁ ଭାଁ ବର୍ଷା ହୋଇଛି। ଫଳରେ ବର୍ଷା ଉପରେ ନିର୍ଭର କରୁଥିବା ପଦ୍ମପୁର ଉପଖଣ୍ଡର ଅନେକ ଚାଷଜମିରେ ରୁଆ ବେଉଷଣ କାମ ହୋଇପାରିନାହିଁ। ଅନେକ ଚାଷୀ ପୂର୍ବରୁ ରୁଆ ବେଉଷଣ ସାରି ଦେଇଥିବା ବେଳେ ଏବେ ଜମି ମାଟି ଫାଟିଯିବା ସହିତ ଧାନ ଗଛ ଲାଲ ହୋଇଗଲାଣି। ବର୍ଷା ଅଭାବରୁ ନଦୀନାଳର ଜଳସ୍ରୋତ ବନ୍ଦ ହୋଇଗଲାଣି। ଏହାର ପ୍ରଭାବରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଉଠାଜଳସେଚନ ଦ୍ୱାରା ହେଉଥିବା ଜଳସେଚନ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ବର୍ତ୍ତମାନ ଉପଖଣ୍ଡରେ ଚାଷ ସ୍ଥିତି ସଙ୍ଗୀନ ହୋଇପଡିଛି। ଆଗାମୀ ସପ୍ତାହ ଭିତରେ ବର୍ଷା ନ ହେଲେ ସ୍ଥିତି ଆହୁରି ଭୟଙ୍କର ହେବା ସହିତ ଉକ୍ରଟ ମରୁଡିର ଆଶଙ୍କାକୁ ଏଡାଇ ହେଉନାହିଁ। ସୂଚନାଯୋଗ୍ୟ, ଏହି ଉପଖଣ୍ଡରେ ଅଗଷ୍ଟ ମାସରେ ୩୭୪.୪ ମିମି ବର୍ଷା ହେବା କଥା। ମାତ୍ର ବିଜେପୁରରେ ୫୦୪ ମିମି, ଗାଇସିଲେଟ ୩୦୪ ମିମି, ଝାରବନ୍ଧ ୨୮୪ ମିମି, ପଦ୍ମପୁର ୨୩୧ମିମି, ପାଇକମାଳ ୨୨୯ମିମି ଓ ସୋହେଲାରେ ୨୪୧ ମିମି ବର୍ଷା ରେକର୍ଡ ହୋଇଛି। ଉପଖଣ୍ଡରେ ୩୧ଦିନ ମଧ୍ୟରୁ ମାତ୍ର ୫/୬ ଦିନ ବର୍ଷା ହୋଇଛି। ପଦ୍ମପୁର ବ୍ଲକର ଦହିତା, ଦହିଗାଁ, ବୁଡେନ ଚାରପାଲି ପଞ୍ଚାୟତର ଅନେକ ଚାଷୀ ଆଗାମୀ ଲଘୁଚାପ ବର୍ଷାକୁ ଅପେକ୍ଷା କରିଛନ୍ତି। ବର୍ଷା ନ ହେଲେ ସେମାନେ ବିଲରେ ଗୋରୁ ଛାଡିବା ପାଇଁ ବାଧ ହେବେ ବୋଲି କହିଛନ୍ତି। ରାଜସ୍ୱ ଓ କୃଷି ବିଭାଗ ଅଧିକାରୀ ଚାଷଜମି ପରିଦର୍ଶନ କରିବା ସହ ସରକାରକୁ ଜଣାଇବା ପାଇଁ ଅନେକ ଚାଷୀ ମତ ଦେଇଛନ୍ତି।


ପଦ୍ମପୁର ବ୍ଲକ ବ୍ରାହ୍ମଣଡିହିରେ ଚାଷଜମି ଫାଟିଗଲାଣି।

**ପଦ୍ମପୁର ଉପଖଣ୍ଡ**

# ବୀରମହାରାଜପୁର କଲେଜରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଅମରପାଲି,୩୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଯୁକ୍ତ ଦୁଇ ଛାତ୍ରୀଛାତ୍ରମାନଙ୍କ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ ଅନୁସାରେ ଏହି ଶିବିର ହୋଇଥିଲା। କଲେଜର ଭାରପ୍ରାପ୍ତ ଅଧକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ଶିବିର ଉଦ୍‌ଘାଟନ କରିଥିଲେ। ସମୁଦାୟ ୯୨ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶଦିଆଯାଇଥିଲା। ମିଶନର ଡା. ସ୍ନିଗ୍ଧା ସ୍ମିତା ସାହୁ ଓ ଅମିତ କୁମାର ମୁଦୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସସ୍ମିତା ପୁରୋହିତ ଓ କୋଲ୍ପୀ ଲକ୍ଷ୍ମୀ ସହଯୋଗ କରିଥିଲେ।

# ଅନାବରଣ ହେଲା ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତି



ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅତିଥିଗଣ।

ବରଗଡ଼,୩୧।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଘରୋଇ ବସଷ୍ଟାଣ୍ଡ କେନାଲ ବ୍ରିଜ ଛକ ନିକଟରେ ରହିଥିବା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଗୁରୁବାର ଅନାବରଣ କରାଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ, ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାର୍ବତୀ ଗିରିଙ୍କ ବଂଶଜ ନିହାରୀକା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଦାଣ୍ଡରେ ଯୁବକଙ୍କ ମୃତଦେହ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ବୌଦ୍ଧ,୩୧।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତାକୁଡ ଗାଁ ଦାଣ୍ଡରେ ଗୁରୁବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ଚକିତ ହୋଇଯାଇଥିଲେ। କେହି ହତ୍ୟା କରି ପକାଇ ଦେଇଥିବା ସେମାନେ ଅନୁମାନ କରିଥିଲେ। ଖବର ପ୍ରଘଟ ହେବା ପରେ ସେଠାରେ ଲୋକଙ୍କ ଭିଡ ଜମିଥିଲା। ମୃତକ ହେଲେ ନିକଟ ଗ୍ରାମ ଛେଳିଲେଣ୍ଡିର ରମେଶ ବାରିକ (୪୦)। ଖବର ପାଇ ରମେଶଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ପରିବାର ଲୋକେ ରମେଶଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ହତ୍ୟା ମାମଲା (ନଂ.୨୯୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ ପ୍ରକାଶ କରିଛନ୍ତି।

# ରାସ୍ତା ଶୋଚନୀୟ: ଯାତାୟାତ ବାଧାପ୍ରାପ୍ତ

ଅମରପାଲି,୩୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପାଲିଠାରୁ ବୁରୋଘାଟକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଏମୁଣ୍ଡରୁ ସେମୁଣ୍ଡ ପିଚୁ ଉଠିଯିବା ସହ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ପ୍ରାୟ ୮ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। ତେବେ ଏଯାଏ ଏହାର ମରାମତି କରାଯାଇ ନାହିଁ। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ର ତଥା ଜନସାଧାରଣ ଯିବା ଆସିବା କରିଥାନ୍ତି। ମହାନଦୀ ଆରପଟକୁ ବାଉଁଶୁଣୀ, ଦହ୍ୟା, ବହିରା, ଗୁଦଗୁଦା, ତେନ୍ତୁଲିପାଲି, ଶଗଡା ଆଦି ଅଞ୍ଚଳକୁ ଲୋକେ ଯିବା ଆସିବା କରିଥାନ୍ତି। ସ୍ଥାନୀୟ ଜନସାଧାରଣ ଏହି ରାସ୍ତା ମରାମତି ପାଇଁ ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ଉକ୍ତ ରାସ୍ତା ମରାମତି ପାଇଁ ଦାବି ହେଉଛି।


ଖାଲଖମା ପୂର୍ଣ୍ଣ ରାସ୍ତା।

## ସଂକ୍ଷେପରେ

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୮ଦଫା ଦାବିପତ୍ର ପ୍ରଦାନ

**ହେମଗିର,୩୧।୮(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିରବାସୀ ୮ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତର ପ୍ରତ୍ୟେକ ଗାଁକୁ ମୋ ବସ୍ ସେବା ଯୋଗାଇବା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତାକୁ ୩ହଜାରକୁ ବୃଦ୍ଧି, ବିସ୍ଥାପନ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ, ଅଞ୍ଚଳରେ ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ ଆଦି ୮ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମହେଶ ଶତପଥୀ, ପରମାନନ୍ଦ ପଟେଲ, ସୁବଲ ସେଠ,ସଞ୍ଜୟ ବହିଦାର, ସୁବୋଧ ସା, ରୋହିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### କଚାରୁକୁ ମୋ ବସ୍ ଚଳାଚଳ ଦାବି

**କୁଆଁରମୁଣ୍ଡା,୩୧।୮(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କଚାରୁ ପଞ୍ଚାୟତବାସୀ କୁଆଁରମୁଣ୍ଡା ସଦର ମହକୁମା ଓ ରାଉରକେଲାକୁ ଯାତାୟତ କରିବା ପାଇଁ ଅସୁବିଧା ଭୋଗୁଛନ୍ତି। ଉକ୍ତ ଅଞ୍ଚଳକୁ କୌଣସି ବସ୍ ଚଳାଚଳ କରୁନାହିଁ। ପୂର୍ବରୁ ଏକ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ଏବେ କୌଣସି କାରଣରୁ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଏ ନେଇ କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଲୋକଙ୍କ ଯାତାୟାତରେ ଅସୁବିଧା ହେଉଥିବା ଘଟଣାକୁ ହୃଦୟଙ୍ଗମ କରିବା ସହ ମୋ ବସ୍ ସେବା ପାଇଁ ଜିଲା ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ମୋ ବସ୍ ସେବା ଚାଲୁ ହେଲେ କେବଳ କଚାରୁ ନୁହେଁ ଏହାର ଆଖପାଖ ଅଞ୍ଚଳ ବିଶେଷ କରି ଟାଙ୍ଗରାଣି, ପସରା,ରିଡ଼ିଁ, କର୍ମାବାହାଲ ଇତ୍ୟାଦି ଗ୍ରାମବାସୀ ଉପକୃତ ହୋଇପାରିବେ ।

### କାରଖାନାରେ କଟିଲା କର୍ମଚାରୀଙ୍କ ଗୋଡ଼

**ଲହୁଣୀପଡ଼ା,୩୧।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଡୁମକଲା ଗ୍ରାମସ୍ଥିତ ଭାସ୍କର ସ୍ୱଞ୍ଜି କାରଖାନାରେ କାମ କରୁଥିବାବେଳେ ଗୁରୁବାର ଜଣେ କର୍ମଚାରୀଙ୍କ ଗୋଡ଼ କଟିଯାଇଥିବା ଜଣାପଡ଼ିଛି। ସେ ହେଲେ ଗମଲେଇ ଗ୍ରାମର ଘନଶ୍ୟାମ ସାହୁ (୫୦)। ପ୍ରତ୍ୟେକ ଦିନ ଭଳି ସେ ଗୁରୁବାର ସାଇଲରେ କାମ କରୁଥିବା ବେଳେ କୌଣସି ମତେ ଆର୍‌ଏଲ୍‌ବୀରେ ତାଙ୍କ ବାମ ଗୋଡ଼ଟି ଫସି ଯାଇଥିଲା। ଉପସ୍ଥିତ କର୍ମଚାରୀ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ସହିତ ଆର୍‌ଏଲ୍‌ବୀରୁ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସାପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ଗୋଡ଼ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ଶେଷରେ ଗୋଡ଼କୁ କାଟି ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୩ରେ ଉକ୍ତ କାରଖାନାର କର୍ମଚାରୀ ସଞ୍ଜୟ ଶର୍ମା (୨୮) ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ବର୍ତ୍ତମାନ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ମେହେର ସମାଜ ପାଳିଲା ଗଙ୍ଗାଧର ଜୟନ୍ତୀ

**ସୁନ୍ଦରଗଡ,୩୧।୮(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ମେହେର (ଭୁଲିଆ) ସମାଜ ପକ୍ଷରୁ ୧୬୨ତମ ଗଙ୍ଗାଧର ମେହେର ଜନ୍ମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସମାଜ ପକ୍ଷରୁ ଆବାଳବୃଦ୍ଧବନିତା ଡେଙ୍ଗିବାଡ଼ିର ଶ୍ୟାମଳେନ୍ଦୁ ମେହେରଙ୍କ ଭାସଭବନରେ ଏକତ୍ରିତ ହୋଇ କବିଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ। ସମବେତ ସଭାକୁ ସମାଜର ବରିଷ୍ଠ ସଭ୍ୟାସଭ୍ୟ ସମ୍ବୋଧିତ କରିଥିଲେ। ମେହେର (ଭୁଲିଆ) ସମାଜ ସଭାପତି ଅଲେଖ ଚନ୍ଦ୍ର ମେହେର ନେତୃତ୍ୱରେ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଥିଲା। ସଭାରେ କାର୍ଯ୍ୟକାରୀ ସଭାପତି ଲବଣୀଧର ମେହେର, ସମ୍ପାଦକ ସୁନନ୍ଦାରାଣୀ ମେହେର, ସହ ସମ୍ପାଦକ ରାଜେଶ ମେହେର, କୋଷାଧ୍ୟକ୍ଷ ଦୀନେଶ ମେହେର, ଉପଦେଷ୍ଟା ମଣ୍ଡଳୀ ସୀତାରାମ ମେହେର, ଶ୍ୟାମଳେନ୍ଦୁ ମେହେର, ହେମନ୍ତ ମେହେର, ନବ ମେହେର, ଭାରତୀ ମେହେର ଏବଂ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ସଭାକୁ ସଫଳ କରିଥିଲେ।

# ଡିଏମ୍‌ଏଫ୍ ବୈଠକରେ ଉନ୍ନୟନ କାମର ସମୀକ୍ଷା



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ସୁନ୍ଦରଗଡ,୩୧।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଖଣିଜ ପ୍ରତିଷ୍ଠାନ ବୋର୍ଡ ଅଫ ଟ୍ରଷ୍ଟିର ୧୦ ବୈଠକ ସ୍ଥାନୀୟ ସଦଭାବନା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟର ଗତ ୬ମାସର କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିବାବେଳେ ଆଗାମୀ ଦିନରେ ଏହି ପ୍ରତିଷ୍ଠାନ ଦ୍ୱାରା ନିଆଯିବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା। ଜିଲାପାଳ ତଥା ଟ୍ରଷ୍ଟ ବୋର୍ଡ ଚେୟାରମ୍ୟାନ ଡ. ପରାଗ ହର୍ଷଦ ଗାଭାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ଜୁଏଲ ଓରାମ, ସଦର ବିଧାୟିକା କୁସୁମ ଟେଟେ, ରାଜଗାଙ୍ଗପୁର ବିଧାୟକ ଡ.ସି.ଏସ୍ ରାଜେନ ଏକ୍କା, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସୁନ୍ଦରଗଡ ଜିଲା ପରିଷଦ ମନୋଜ ମହାଜନ ଏବଂ ଜିଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ସିଇଓ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ତଥା ଜିଲାର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗଦେଇଥିଲେ। ଜିଲାର ବିଭିନ୍ନ ଏଜେନ୍ସୀ ଦ୍ୱାରା ଡିଏମ୍‌ଏଫ ପାଣ୍ଠିରେ ଚାଲୁଥିବା ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇ ଏହାକୁ କିପରି ଅଧିକ ଲୋକାଭିମୁଖୀ ଏବଂ ପ୍ରଭାବଶାଳୀ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏମ୍‌ପି ଏବଂ ବିଧାୟକ ଏନେଇ ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଡିଏମ୍‌ଏଫ ତରଫରୁ ବିଗତ ଦିନମାନଙ୍କରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ଗୁଡିକ ବିଷୟରେ ସିଇଓ ସୁଷମା ବିଲୁଙ୍ଗ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କୁ ବିସ୍ତାରରେ ଉପସ୍ଥାପନ କରିଥିଲେ ଏବଂ ପ୍ରକଳ୍ପକୁ ନେଇ ଉପସ୍ଥିତ ବୋର୍ଡ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ବିଗତ ଦିନରେ ଆରମ୍ଭ ହୋଇଥିବା ୭୪୨ଟି ପ୍ରକଳ୍ପ ପାଇଁ ୨୧୩୪ କୋଟି ବ୍ୟୟବରାଦକୁ ଅନୁମତି ଦିଆଯାଇଥିବାବେଳେ ୨୪୮୦ କୋଟି ବ୍ୟୟରେ ଆରମ୍ଭ ହେବାକୁ ଥିବା ନୂଆ ପ୍ରକଳ୍ପ ଯଥା- ପଞ୍ଚାୟତ ସ୍ତରରେ ଖେଳ ପଡିଆ, ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ରାସ୍ତା ନିର୍ମାଣ, ପ୍ରତି ବ୍ଲକ୍‌ରେ ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ, ଜିଲାର ବିଭିନ୍ନ ବ୍ଲକରେ କ୍ରେସ ନିର୍ମାଣ, କଲେଜ ରୂପାନ୍ତରଣ, ଶିକ୍ଷା ଅଧିକାର ଆଇନ୍ ଅନ୍ତର୍ଗତ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସୁଯୋଗ ସୃଷ୍ଟି, ପ୍ରତିଯୋଗୀତାମୂଳକ ପରୀକ୍ଷା ନିମନ୍ତେ କୋଚିଂ, ଆମ ହସପିଟାଲ, ଏସି,ଏମ୍‌ଟି ହଷ୍ଟେଲରେ ରାଗି ଲଡୁ ବିତରଣ ବ୍ୟବସ୍ଥା, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୃଷ୍ଟି ଯୋଜନା ଅନୁସାରେ ସହାୟତା ଏବଂ ହେମଗିରି ବ୍ଲକରେ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ଆଦି କାର୍ଯ୍ୟ ଆଗାମୀ ଦିନରେ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷଠାରୁ ଜିଲାର ୯ମ ଏବଂ ୧୦ମ ଶ୍ରେଣୀରେ ପଢୁଥିବା ଅଣ ସଂରକ୍ଷିତ ବର୍ଗର ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଡିଏମ୍‌ଏଫ ତରଫରୁ ପାଠ୍ୟପୁସ୍ତକ କ୍ରୟ ଜନିତ ଖର୍ଚ୍ଚର ବ୍ୟୟଭାର ବହନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହିକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରିଥିଲେ।

### ଗର୍ଜିଲେ କୁସୁମ ଟେଟେ

ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ବୋର୍ଡ ଅଫ ଟ୍ରଷ୍ଟି ବୈଠକରେ ବିଧାୟିକା କୁସୁମ ଟେଟେ ନିଜର ଅଭିଭାଷଣ ଶାଣିତ କରିଥିବା ଦେଖିବାକୁ ମିଳିଥିଲା। ଜିଲା ମୁଖ୍ୟ ଡାକ୍ତରଖାନା ପାଇଁ ଜିଲା ଖଣିଜ ପାଣ୍ଠି ତରଫରୁ ବିଭିନ୍ନ ମନଲୋଭା କାର୍ଯ୍ୟର ଫୋଟୋ ପ୍ରଦର୍ଶିତ କରିଥିବା ବେଳେ ପ୍ରକୃତରେ ଏବେ ମଧ୍ୟ ରୋଗୀ ଭଙ୍ଗା ଖଟିଆରେ ସେବା ପାଉଛନ୍ତି ବୋଲି ବିଧାୟିକା କୁସୁମ ଗର୍ଜି ଥିଲେ। ଏହା ଛଡା ତାଙ୍କ ନିର୍ବାଚନ ମଣ୍ଡଳୀର ଅନେକ ଗୁଡିଏ ପ୍ରସ୍ତାବ ଦିଆଯାଇଥିବା ବେଳେ କାହିଁକି ସେ ଗୁଡିକ କାର୍ଯ୍ୟକାରୀ ହେଉନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀର ହେମଗିର ମେଡିକାଲ ଓ ବିଲେଇମୁଣ୍ଡାଠାରେ ଟ୍ରମା ସେଣ୍ଟର, ପ୍ରତି ବ୍ଲକରୁ ସଦର ମହକୁମାକୁ ୨ଟି ଲେଖାଏଁ ମୋ ବସ ସେବା, ଅଙ୍ଗନୱାଡି ଗୁଡିକକୁ ସତେଜ ଖାଦ୍ୟ ଯୋଗାଣ ଯେପରି ମାଣ୍ଡିଆ ଲଡୁ, ଚିକ୍କି ଇତ୍ୟାଦି, ସଦର ବ୍ଲକ ଲହଣ୍ଡାବୁଡ଼ଠାରୁ ସୁନ୍ଦରଗଡ଼କୁ ଆସିବାକୁ ହେଲେ ୩୦କିଲୋମିଟର ପଡୁଥିଲା ବେଳେ ଏକ ଛୋଟ ପାହାଡ଼ ଦେଇ ଚଲା ରାସ୍ତା ସୁବଲୟା ଦେଇ ଆସିଲେ ମାତ୍ର ୩କିଲୋମିଟର ପଡୁଛି, କିନ୍ତୁ କେତେକାଂଶ ସ୍ଥାନ ବନ ବିଭାଗ ପଡୁଥିବାରୁ ସେ ରାସ୍ତା ନିର୍ମାଣ ହୋଇପାରୁନି। ତେଣୁ ଏହା ଜିଲା ଖଣିଜ ପାଣ୍ଠି ମାଧ୍ୟମରେ କରାଗଲେ ଲହଣ୍ଡାବୁଡ଼ ପଞ୍ଚାୟତ ବାସୀ ଅଳ୍ପ ସମୟ ମଧ୍ୟରେ ସଦର ମହକୁମାରେ ପହଞ୍ଚି ପାରିବେ ବୋଲି ବିଧାୟିକା ଦାବି କରିଥିଲେ।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ରାଖୀ ପୂର୍ଣ୍ଣିମା

**କୁତ୍ରା,୩୧।୮(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରାସ୍ଥିତ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରାଖୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ରାଖୀ ପୂର୍ଣ୍ଣିମା ହେଉଛି ଭଉଣୀ ଭାଇର ପବିତ୍ର ସମ୍ପର୍କର ସାକ୍ଷୀ। ଏହି ଦିନରେ ଭଉଣୀ ଭାଇ ହାତରେ ସ୍ନେହ ମମତାର ସହିତ ରାଖୀ ବାନ୍ଧିତାର ଶୁଭ ମନାସି ଥାଏ ବୋଲି ସେମାନେ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁତ୍ରା ଶାଖାର ଭଉଣୀମାନେ ଗ୍ରାମର ବିଭିନ୍ନ ବ୍ୟକ୍ତି ବିଶେଷ, ବ୍ୟାଙ୍କ କର୍ମଚାରୀ, ପୋଲିସ୍, ବିଡିଓ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟରତ କର୍ମଚାରୀଙ୍କୁ ରାଖୀ ବାନ୍ଧି ଥିଲେ।

### ପୋଡ଼ିଯାଇଛି ଟ୍ରାନ୍ସଫର୍ମର, ମରାମତି ଦାବି

**ବାଲିଶଙ୍କରା,୩୧।୮(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ କରୁଆବାହାଲ ଟୁଙ୍ଗୁରିପଡାରେ ୩ମାସ ହେବ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଏନେଇ ପଡାବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ସେମାନଙ୍କ ବାକି ଥିବା ଟଙ୍କା ପଇଠ କରିବା ପାଇଁ ବିଭାଗ କହିଥିଲା। ଗ୍ରାମବାସୀ ବାକି ଥିବା ଟଙ୍କା ପଇଠ କରିଥିଲେ ହେଁ ବିଭାଗ ନୂତନ ଟ୍ରାନ୍ସଫର୍ମର ଲଗାଇ ନାହିଁ। ଫଳରେ ଅଞ୍ଚଳବାସୀ ଅନ୍ଧାରରେ ରହୁଛନ୍ତି। ପାଖରେ ଜଙ୍ଗଲ ଥିବାବେଳେ ଜଙ୍ଗଲୀ ହାତୀ ରାତିରେ ଅନ୍ଧାରର ସୁଯୋଗ ନେଇ ଗାଁ ଭିତରକୁ ପଶି ଘର ଭାଙ୍ଗି ଧାନଚାଉଳ ଖାଉଛନ୍ତି। ପ୍ରଶାସନ ତୁରନ୍ତ ଟ୍ରାନ୍ସଫର୍ମର ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲାସ୍ତରୀୟ ବିଦ୍ୟାଳୟ ସୁରକ୍ଷା, ବିପର୍ଯ୍ୟୟ ପ୍ରଶମନ ଶିବିର

**ସୁନ୍ଦରଗଡ,୩୧।୮(ଜୟ ନାରାୟଣ ମେଣ୍ଡୁଲି)**



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବିପର୍ଯ୍ୟୟ ପରିଚାଳନା ସମିତି ତଥା ଆପାଦକାଳୀନ ବିଭାଗ ଦ୍ୱାରା ଜିଲା ସ୍ତରୀୟ ବିଦ୍ୟାଳୟ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରଶମନ ଏକ ଦିବସୀୟତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ସୁରକ୍ଷା ତଥା ନିରାପଦ ଜୀବନ ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ବିପର୍ଯ୍ୟୟ ପ୍ରଶମନର ଶିକ୍ଷକ ଓ ଛାତ୍ରଙ୍କ ଭୂମିକା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସ୍କୁଲ ପରିସରକୁ ବିପଦମୁକ୍ତ ତଥା ବିପର୍ଯ୍ୟୟ ପରିଚାଳନାକୁ ଛାତ୍ର ସମୟରୁ ଅଭ୍ୟାସ୍ତ କରିବାପାଇଁ କହିଥିଲେ। ଜିଲା ଆପାଦକାଳୀନ ଅଧିକାରୀ କୁନ୍ତୀ ରାଣୀ ନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ, ସରକାର ବିପର୍ଯ୍ୟୟ ମୁକାବିଲାରେ ଓଡିଶାକୁ ଏକ ନମ୍ବର ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ବର୍ତ୍ତମାନ ସ୍କୁଲ ସ୍ତରରୁ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରି ତାଙ୍କୁ ଜଣେ ଜଣେ ଯୋଦ୍ଧା ରୂପେ ଗଢ଼ିତୋଳିବା ପାଇଁ ଉପଯୁକ୍ତ ଜ୍ଞାନକୌଶଳ, ତାଲିମ ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସହକାରୀ ବ୍ଲକ ଅଧିକାରୀ, ୯ ଟି ନିର୍ବାଚିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେବାସହ ବିଦ୍ୟାଳୟ ସୁରକ୍ଷା ସମ୍ପର୍କରେ ବହୁ ଜ୍ଞାନ ଆରୋହଣ କରିଥିଲେ। ପାୱାର ପଏଣ୍ଟ ମାଧ୍ୟମରେ ଓସ୍‌ଡମା ଜିଲା ପ୍ରକଳ୍ପ ଅଧିକାରୀ ସୁଜାତା ତିର୍କୀ, ଅଗ୍ନିଶମ ଅଧିକାରୀ ଗୁଣାକର ପ୍ରଧାନ, ସ୍କୁଲ ବିଭାଗର ଇଞ୍ଜିନିୟର ତଥା ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନ ଓ ଆପାଦକାଳୀନ ଅଧିକାରୀ କୁନ୍ତୀ ରାଣୀ ନାୟକ ବିପର୍ଯ୍ୟୟ ସମୟରେ କର୍ମୀ ନିଜକୁ ସୁରକ୍ଷିତ ରଖି କିପରି କ୍ଷୟକ୍ଷତି ରୋକିପାରିବେ ସେ ସମ୍ପର୍କରେ ବିସ୍ତୃତଭାବେ ତାଲିମ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲାର ୯ଟି ବ୍ଲକକୁ ପାଇଲଟ ପ୍ରକଳ୍ପଭାବେ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିବିଧ ବିଶ୍ୱ, ଅଜୟ କେରକେଟା, ପ୍ରତିଭା ସୁରୀନ, ଶକ୍ତି ମୁଖୀ ପ୍ରମୁଖ ପରିଚାଳନା କରିଥିଲେ।

## ଇସି ସଭ୍ୟା ଲାଞ୍ଚ ନେଇ ନ ଥିବା ବିଡିଓଙ୍କୁ ଜଣାଇଲେ

**ବଡ଼ଗାଁ,୩୧।୮(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଦାଣ୍ଡଜମରା ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ରିଙ୍କି, ଆସିକା, ସ୍ମୃତି, ପ୍ରତିଭା, ପୂଜା, ସିପ୍ରା, ମିଶନ ଶକ୍ତି, ଶାନ୍ତି ଓ ମୁକ୍ତିର ମହିଳାଙ୍କୁ ଗ୍ରାମର ଇସି ମେମ୍ବର ଅନୁଦାନ ପାଣ୍ଠି ଅର୍ଥ କରାଇଦେବାକୁ କହି କେତେକ ମହିଳାଙ୍କଠାରୁ ୩ ହଜାର ଟଙ୍କା ନେଇଥିଲେ ଓ ପରେ ଟଙ୍କା ସହିତ ସେମାନଙ୍କ ଫର୍ମ ଫେରାଇ ଦେଇଥିଲେ। ଆଉ କେତେକ ମହିଳା ଟଙ୍କା ନ ଦେବାରୁ ଫର୍ମ ଦେଇ ନ ଥିଲେ ବୋଲି ୮ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଅଭିଯୋଗ ଉଠାଇ ବିଡିଓଙ୍କୁ ଗତ ୨୪ରେ ଲିଖିତ ଆକାରରେ ଜଣାଇଥିଲେ। ତଦନ୍ତ ପାଇଁ ବିପିଏମ୍ ଏବଂ ବିପିସି ଅଭିଯୋଗକାରୀ ଓ ଇସି ମେମ୍ବରଙ୍କୁ ଗରଗଡବାହାଲ ସ୍ଥିତ ମିଶନ ଶକ୍ତି ଗୃହକୁ ଡକାଇଥିଲେ। କିନ୍ତୁ ସେଠାକୁ ଅଭିଯୋଗକାରୀ ମହିଳାମାନେ ନ ଆସି ଗାଁ ମଣ୍ଡପକୁ ଆସି ତଦନ୍ତ କରାଯାଉ କହିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ବୈଠକ କରିଥିଲେ। ଅଧିବେଶନ ୩୫ରେ ଲିପିବଦ୍ଧ କରି ବିଡିଓଙ୍କୁ ଇସି ମେମ୍ବର ଗୁରୁବାର ଲିଖିତ ଜଣାଇଛନ୍ତି। ଦାଣ୍ଡଜମରା ଜିପିଏଲଏଫ ସଭ୍ୟା, ସମସ୍ତ ସିଆର୍‌ପି, ଏମ୍‌ବିକେ ଏବଂ ଇସି ମେମ୍ବର ମିଶନ ଶକ୍ତି ଗୃହରେ ବୈଠକ କରିଥିଲେ। ଦାଣ୍ଡଜମରା ଗ୍ରାମର ଏସ୍‌ଏଚଜି ମହିଳାମାନେ ଯେଉଁ ଇସି ମେମ୍ବର ମାନଙ୍କ ନାଁରେ ଲାଞ୍ଚ ଅଭିଯୋଗ କରିଥିଲେ ତାହା ମିଥ୍ୟା ଥିବାରୁ ଅଭିଯୋଗ ଉଠାଇଥିବା ୮ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଆସିଲେନାହିଁ। କୌଣସି ମେମ୍ବର ଲାଞ୍ଚ ନେଇନାହାନ୍ତି, ଆମକୁ ନ୍ୟାୟ ମିଳୁ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

## ପୌର ପରିଷଦ ପାଳିଲା ସ୍ୱାୟତ୍ତ ଶାସନ ଦିବସ


ଉପନଗରପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ କାଉନସିଲର ଓ ଅନ୍ୟମାନେ।

**ରାଜଗାଙ୍ଗପୁର,୩୧।୮(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ସ୍ୱାୟତ୍ତ ଶାସନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଥମେ ପୌରପରିଷଦରେ ସକାଳୁ ରାମଧୂନ ଗୁଞ୍ଜରଣ ହୋଇଥିଲା। ଉପନଗରପାଳ ମହମ୍ମଦ ଇରଫାନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନା ତଥା ଅନ୍ୟ କାଉନସିଲରମାନେ ଏକତ୍ରିତ ହୋଇ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଉପନଗରପାଳ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ନିଜ ନିଜର ବକ୍ତବ୍ୟ ରଖି କହିଥିଲେ, ରାଜଗାଙ୍ଗପୁରରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ସମସ୍ତେ ଏକ ହୋଇ ଲାଗିବା ଓ ପୌରପରିଷଦକୁ ରାଜ୍ୟରେ ୧ନଂ କରିବା ପାଇଁ ଚେଷ୍ଟା କରିବା। କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଜର ବକ୍ତବ୍ୟରେ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ପୌରପରିଷଦରେ ଭଲ କାମ କରୁଥିବା ବିଭିନ୍ନ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହିତ ବିଭିନ୍ନ କାଉନସିଲରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ଐଶ୍ୱର୍ଯ୍ୟ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟପରେ ସରକାରୀ ଚିକିତ୍ସାଳୟରେ ଉପନଗରପାଳ ଓ କାଉନସିଲରଙ୍କ ଦ୍ୱାରା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ

**ସୁନ୍ଦରଗଡ଼,୩୧।୮(ଜୟ ନାରାୟଣ ମେଣ୍ଡୁଲି)**

ନୂତନ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଛି 'ମୁଁ ବି ମିତା' ଅଭିଯାନ। ଏହି ପରିପ୍ରକ୍ଷୀରେ ସ୍ଥାନୀୟ ସଦଭାବନା ଭବନ ପରିସରରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁଙ୍କ ଦ୍ୱାରା 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଜିଲାର ୩ଟି ସବ୍ ଡିଭିଜନର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଚୟନ କରାଯାଇଥିବା ଛାତ୍ରୀମାନେ ଏହି ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛାସେବୀ ଭାବେ କାର୍ଯ୍ୟ କରିବେ ଏବଂ ନିଜ କଲେଜ ତଥା ନିଜ ଅଞ୍ଚଳ ମାନଙ୍କରେ ନୂତନ ଭୋଟର ମାନଙ୍କୁ ଭୋଟ ଦାନ, ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସହିତ ତାଲିକାରେ ନୂତନ ଭୋଟର ପଞ୍ଜିକରଣ ନିମନ୍ତେ ମଧ୍ୟ ସଚେତନତା ସୃଷ୍ଟି କରିବେ। ଏହି ଅବସରରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇ ଅଭିଯାନରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଦାଶରଥି ସରାବୁ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ ତଥା ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଲହୁଣୀପଡ଼ା,୩୧।୮(ଦାଶରଥ ପଣ୍ଡା)**

ଲହୁଣୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ ଗୁରୁବାର ଚାକିରୀରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା, ସମ୍ମାନିତ ଅତିଥି ଏବିଇଓ ନରହରି କିଷାନ, ଇମାକ୍ରୀପା ମିଞ୍ଜ, ଧରଣୀଧର ମାହାନ୍ତ, କୁମାର ଗୌତମ ବାରିକ, ମୁଖ୍ୟ ବକ୍ତାଭାବେ ଗମଲେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ମଞ୍ଜରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଅମରେନ୍ଦ୍ର କୁମାର ସାହୁ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଜଣେ ଉଚ୍ଚ କୋଟିର ସାହିତ୍ୟିକା ଭାବେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ସମ୍ମାନିତ ହୋଇଥିବାରୁ ସମାଜରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ଅତିଥିମାନେ କହିଥିଲେ। ଶେଷରେ ଗୁଣନିଧି ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ଗଛ,ମଣିଷର ଅନାବିଳ ସମ୍ପର୍କର ଦୃଷ୍ଟାନ୍ତ ଝୁରିମାଲର ନିଆରା ରାଖୀ

**ସୁନ୍ଦରଗଡ,୩୧।୮(ଜୟ ନାରାୟଣ ମେଣ୍ଡୁଲି)**


ଜଣେ ଝିଅ ଗଛକୁ ରାଖୀ ବାନ୍ଧୁଛନ୍ତି।

ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ବ୍ଲକ ଝୁରିମାଲ ଗାଁରେ ନିଆଁରା ଢଙ୍ଗରେ ରାଖୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଝୁରିମାଲ ଗ୍ରାମର ବନ ସୁରକ୍ଷା ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳାମାନେ ପ୍ରଥମେ ଗଛକୁ ରାଖୀ ବାନ୍ଧି ଏହି ପର୍ବ ପାଳନ କରିଛନ୍ତି। କରୋନା ମହାମାରୀ(୨୦୨୦)ରୁ ଏହା ଆରମ୍ଭ ହୋଇଛି। ସେହି ବର୍ଷ ରାକ୍ଷୀ ପୂନେଇଁରେ ବିବାହିତା ଭଉଣୀମାନେ ଭାଇ ହାତରେ ରାଖୀ ବାନ୍ଧିପାରି ନ ଥିଲେ। ଏନେଇ ବୃକ୍ଷ ରକ୍ଷା ବନ୍ଧନର ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା ସୁନ୍ଦରଗଡ ବନଖଣ୍ଡର ଉଜ୍ଜଳପୁର ବନାଞ୍ଚଳ ଝୁରିମାଲ ବନ ସୁରକ୍ଷା ସମିତି। ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ମାର୍ଗଦର୍ଶନରେ ଗ୍ରାମର ଏକ ୧.୬୫ ଏକର ପରିମିତ ଅନାବାଦି ଜମିରେ ସାମୂହିକ ଶ୍ରମଦାନ ଦ୍ୱାରା ସୃଷ୍ଟି କରାଯାଇଥିଲା ଜୟ ବଜରଙ୍ଗ ଫଳ ବଗିଚା। ବନ ସୁରକ୍ଷା ସମିତିର ୧୬୩ ପରିବାର ପାଇଁ ସମସ୍ତେ ଗୋଟିଏ ଲେଖାଏଁ ଫଳ ଗଛ ରୋପଣ କରିଥିଲେ ଏବଂ ଆଜୀବନ ସୁରକ୍ଷାର ଶପଥ ନେଇଥିଲେ। ପ୍ରତ୍ୟେକ ପରିବାରର ମହିଳାମାନେ ନିଜ ନିଜ ଗଛରେ ରାକ୍ଷୀ ବାନ୍ଧି ଗଛ ଓ ମଣିଷର ଅନାବିଳ ସମ୍ପର୍କର ଜୀବନ୍ୟାସ ଦେଇଥିଲେ। ସେହିଦିନ ଠାରୁ ଏହି ପରମ୍ପରା ଚାଲି ଆସୁଛି। ୪ ବର୍ଷ ହେଲା ଗାଁର ପ୍ରତ୍ୟେକ ମହିଳା ଓ ଝିଅମାନେ ପ୍ରଥମେ ଗଛକୁ ରାକ୍ଷୀ ବାନ୍ଧିଲା ପରେ ନିଜ ଭାଇଙ୍କୁ ରାଖୀ ବାନ୍ଧିଥାନ୍ତି। ଗୁରୁବାର ସକାଳେ ଗ୍ରାମର ଆରାଧ୍ୟ ଦେବତା ସଙ୍କଟମୋଚନ ବଜରଙ୍ଗବାଲୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସଙ୍କୀର୍ତ୍ତନ୍ୟ ଓ ସମ୍ପ୍ରଦାର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ଝୁରିମାଲ ଗ୍ରାମର ଶତାଧିକ ମହିଳା ଗାଁ ମୁଣ୍ଡରେ ଥିବା ଜୟ ବଜରଙ୍ଗ ଫଳ ବଗିଚା ଅଭିମୁଖେ ପଦଯାତ୍ରା କରିଥିଲେ। ସର୍ବପ୍ରଥମେ ପ୍ରାରମ୍ଭିକ ସଭାକାର୍ଯ୍ୟରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଉଜ୍ଜଳପୁର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ବୃକ୍ଷ ରକ୍ଷାବନ୍ଧନର ମହତ୍ତ୍ୱ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଗଛ ଓ ମଣିଷର ଅନାବିଳ ସମ୍ପର୍କର ମହନୀୟତା ଉପରେ କହିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ପ୍ରେମ ସାଗର ନାଏକ ଝୁରିମାଲ ବନ ସୁରକ୍ଷା ସମିତିର ଏହି ଅଭିନବ ପଦକ୍ଷେପର ଭୂୟସୀ ପ୍ରଶଂସା କରିବା ସହିତ ଏହା ଅନ୍ୟ ବନ ସୁରକ୍ଷା ସମିତିଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଦିଲୀପ ପଟେଲ, ସୁବ୍ରତ ପଟେଲ, ନୀଳମାଧବ ପଟେଲ, ଉଦିତ ପଟେଲ, ହେମାନନ୍ଦ ସେଠ, ରେଖା ନାଏକ, ସୁରେଖା ଦଣ୍ଡସେନା, ରୋଜି ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

## ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

ପାଟଣାଗଡ,(ପ୍ରହଲ୍ଲାଦ ପାଢ଼ି): ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଅନ୍ତର୍ଗତ ଟିକପାଲିର ହୀରାସାଗର ଖଣିରେ ଗୁରୁବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଜିତେନ୍ଦ୍ର ଧୂବଳ। ଜଣେ ଯୁବକ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଖବର ପାଇ ପାଟଣାଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ସଂକ୍ଷେପରେ

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର ଅଫିସ,୩୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋୟର ସୁକ୍ତେଲ ଡ୍ୟାମ୍ ସାଇଡ୍‌ରେ ପଥର ପ୍ୟାକିଂ କାମ କରୁଥିବା ଜଣେ ଠିକା ନିର୍ମାଣ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ନିକଟବର୍ତ୍ତୀ ଜଙ୍ଗଲ ଭିତର ଏକ ଗଛରୁ ଉଦ୍ଧାର କରାଯାଇଛି। ମୃତ ଶ୍ରମିକ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବଡବଉଲପୁର ପାଟଣାର ଅନାମ ଓରଫ୍ ନରେଶ ସାହୁ (୩୪) ବୋଲି ପୋଲିସ ପକ୍ଷରୁ ଚିହ୍ନଟ କରାଯାଇଛି। ସେହି ଗାଁରୁ ପ୍ରାୟ ୨୫ ଜଣ ପଥର ଶ୍ରମିକ ସୁକ୍ତେଲ ଡ୍ୟାମ୍‌ରେ କାମ କରିବାକୁ ଆସିଛନ୍ତି। ସେମାନେ ମାଗୁରବେଡା ସ୍ଥିତ ସୁକ୍ତେଲ ଡ୍ୟାମ ସାଇଟ୍ କଲୋନୀରେ ରହୁଥିଲେ। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ଭୋରୁ ଉଠି ନରେଶ ନିକଟସ୍ଥ ଜଙ୍ଗଲକୁ ଯାଇ ଏକ ଗଛରେ ନିଜ ଗାମୁଛାରେ ଝୁଲି ପଡିଥିଲେ। ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣକୁ ନେଇ ସେ ଏଭଳି ଚରମ ପଦକ୍ଷେପ ନେଲେ ସେନେଇ କିଛି କୁହାଯାଇନାହିଁ। ନରେଶଙ୍କ ଝୁଲନ୍ତା ମୃତଦେହ ଜବତ କରି ପୋଲିସ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (୩୫/୨୩) ରୁଜୁ ହୋଇଛି।

## ଫସଲକୁ ରୋଗପୋକ ଦାଉରୁ ରକ୍ଷା ପାଇଁ ରାଖୀ ବାନ୍ଧିଲେ ଚାଷୀ

ବେହେରା,୩୧।୮(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ଗୁରୁବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧି ସୁସ୍ଥ, ନିରୋଗ, ଦୀର୍ଘଜୀବନ କାମନା କରିଛନ୍ତି। ଏହାଛଡା ଅଞ୍ଚଳର ଚାଷୀମାନେ ନିଜ ଚାଷ ଜମିରେ ଧାନ କେଣ୍ଡାକୁ ରାଖୀ ବାନ୍ଧି ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଗ୍ରାମଦେବୀ ଓ କ୍ଷେତ୍ରପାଳଙ୍କୁ ପ୍ରାର୍ଥନା କରିଥିଲେ। ଚଳିତବର୍ଷ ଭଦ୍ରାସ୍ଥିତିକୁ ନେଇ ଲୋକଙ୍କ ମନରେ ଶଙ୍କା ରହିଥିଲା । କିନ୍ତୁ ପୁରୀ ଜଗନ୍ନାଥ ମନ୍ଦିରରେ ଗୁରୁବାର ଦିନ ରକ୍ଷାବନ୍ଧନ ପର୍ବ ପାଳନ ହେଉଥିବା ଯୋଗୁ ଏହି ଦିନ ଅଧିକାଂଶ ଲୋକ ପାଳନ କରିଥିଲେ।

## ଝୁଲଣ ଯାତ୍ରା ଉଦ୍‌ଯାପିତ

ଲୋଇସିଂହା,୩୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପଣ୍ଡରାଣୀ ଗ୍ରାମ ଅଭିରାମ ପରମହଂସଙ୍କ ମଠରେ ଶ୍ରାବଣ ଅଷ୍ଟମୀ ତିଥିରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ପୂର୍ଣ୍ଣମୀରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଜଣାଣ, ନାମ କୀର୍ତ୍ତନ ସହ ରାଧାକୃଷ୍ଣ ଓ ଠାକୁର ଅଭିରାମଙ୍କୁ ଝୁଲଣିରେ ଝୁଲା ଯାଇଥିଲା। ଗୌରୀଶଙ୍କର ସାହୁ, ଡାକ୍ତର ଥାଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତ ବର୍ଷର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜଗଦୀଶ ପରୁଆ, ବାହଦୂର ଥାଟି, ଡାକ୍ତର ଥାଟି, ବସୁ ପରୁଆ, ଶରତଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି। ବାବାଜୀ ସୁମନ୍ତ ଦାସ, ତ୍ରିଲୋଚନ ନାଏକ, ରାଜେନ୍ଦ୍ର ପଣ୍ଡା, ମେଘୁ ସାହୁ, ନୀଳମଣୀ ସାହୁ ଉପଦେଷ୍ଟା ରହିଛନ୍ତି।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଲୋଇସିଂହା,୩୧।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ଅଫିସ ସଭାଗୃହରେ ତ୍ରୈମାସିକ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନବକିଶୋର ନାଏକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗାୟିତ୍ରୀ ବାରିକ, ସୁପରଭାଇଜର ବିନ୍ଦା ମିଶ୍ର ଯୋଗ ଦେଇଥିଲେ। ଶିଶୁଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ରହିବ ଏବଂ ସେ କିପରି ଦେଶ ଗଠନରେ ସାମିଲ ହୋଇ ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏକ୍ଷେତ୍ରରେ ସମସ୍ତ ଜନସାଧାରଣ ସଚେତନ ହୋଇ ଶିଶୁଙ୍କୁ ବାଲ୍ୟ ବିବାହରୁ ରୋକିବା, ଶିଶୁ ଶ୍ରମିକ ବନ୍ଦ କରିବା, ଶିଶୁ ଶ୍ରମିକ ଦେଖିଲେ ପ୍ରତିବାଦ କରିବା କିମ୍ବା ପ୍ରଶାସନକୁ ଅବଗତ କରିବା ପାଇଁ ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା । ଶିଶୁମାନଙ୍କ ବିରୋଧରେ ଘଟୁଥିବା ଯୌନ ଅପରାଧକୁ ଦମନ କରି ଅଧିକାରକୁ ଦୃଢ କରିବା ପାଇଁ ଲୋକଙ୍କୁ ସଚେତନ କରିବାକୁ ଉପସ୍ଥିତ ଅଙ୍ଗନବାଡି କର୍ମୀ,ଏସ୍‌ଏଚ୍‌ଜି ମହିଳାଙ୍କୁ ପରାମର୍ଶ ଦିଆଯାଇଥିଲା।

# ଉଡ଼ିଲା ବିମାନ: କଳାହାଣ୍ଡିରେ ଖୁସିର ଲହରି

### ଉତ୍କେଳା ବିମାନ ବନ୍ଦର ଉଦ୍‌ଘାଟିତ

■ ଅଭି ତୋ କଳାହାଣ୍ଡି କା ଆଶମାନ ବାକି ହେ: ଦିବ୍ୟଶଙ୍କର

ଭବାନୀପାଟଣା/କେସିଙ୍ଗା, ୩୧।୮
(ଉତ୍ତମ କୁମାର ଦାଶ/ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ଉତ୍କେଳା ବିମାନବନ୍ଦର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଫଳରେ କଳାହାଣ୍ଡିବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିମାନ ସେବା ପରେ ରାଜଧାନୀ ଭୁବନେଶ୍ୱରରୁ କଳାହାଣ୍ଡିକୁ ବର୍ତ୍ତମାନ ଅତି ସହଜରେ ଯୋଗାଯୋଗ କରିହେବ। ଘଣ୍ଟା ଘଣ୍ଟାର ବାଟ ବର୍ତ୍ତମାନ ମାତ୍ର ୧ ଘଣ୍ଟା ୧୦ମିନିଟରେ ଅତିକ୍ରମ କରିହେବ। ଉତ୍କେଳା ବିମାନ ବନ୍ଦରରେ ପ୍ରଥମ ଯାତ୍ରୀବାହୀ ବିମାନ ଗୁରୁବାର ସଫଳତା ପୂର୍ବକ ପହଞ୍ଚିଛି। ଏହି ଐତିହାସିକ ଦୃଶ୍ୟ ଦେଖିବାକୁ ଆବାଳ ବୃଦ୍ଧ ବନିତା ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା।

୯ ଟି ସିଟ ବିଶିଷ୍ଟ ଇଣ୍ଡିଆ ୱାନ ବିମାନ ୯ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ଉତ୍କେଳା ବିମାନ ବନ୍ଦରରେ ପହଞ୍ଚିଥିଲା। ଏଥିପାଇଁ ଟିକେଟର ଦାମ ରହିଛି ୯୯୯ ଟଙ୍କା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ସରକାରଙ୍କ ଏହି ପଦକ୍ଷେପ ଯୋଗାଯୋଗ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି। ବିକାଶର ଫର୍ଦ୍ଦରେ କଳାହାଣ୍ଡି



ଉତ୍କେଳା ବିମାନବନ୍ଦରରେ ଜୁନାଗଡ ବିଧାୟକ ଓ ଅନ୍ୟମାନେ।

ଯୋଡି ହୋଇଥିବାରୁ ସମସ୍ତେ ଖୁସି ଅନୁଭବ କରିଛନ୍ତି। ଏହାସହ କଳାହାଣ୍ଡି ଜିଲାର ନୀଳ ସରାଫ ପ୍ରଥମ ଯାତ୍ରୀ ଭାବେ ବିମାନରେ ଯାତ୍ରା କରିବାର ସୁଯୋଗ ପାଇଥିବାରୁ ଖୁସି ଅନୁଭବ କରୁଥିବା କହିଛନ୍ତି। ଉତ୍କେଳା ବିମାନ ବନ୍ଦରରେ ଏନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଭବାନୀପାଟଣା ସଦର ବିଧାୟକ ପ୍ରଦୀପ୍ତ ନାଏକ, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି. ପ୍ରମୁଖ ଉପସ୍ଥିତ ଥିଲେ।

କଳାହାଣ୍ଡିରେ ବିମାନ ସେବା ଆରମ୍ଭ ହୋଇଥିବାରୁ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଜଣେ କ୍ୟାପଟେନ୍ ଭାବେ ଉତ୍କେଳା ଏୟାରପୋର୍ଟରେ ଅନେକ ଥର ଲ୍ୟାଣ୍ଡିଂ କରିଛି। ଯେତେବେଳେ ପ୍ରଥମ ଥର ଲ୍ୟାଣ୍ଡ କରିଥିଲୁ , ସବୁ ପାଚେରି କାମ ଶେଷ ହୋଇ ନ ଥିଲା। ଗାଈ ଗୋରୁ ପଶି ଆସୁଥିଲେ, ଯାହାର ପରିଚାଳନା ଜଣେ କ୍ୟାପଟେନ ପାଇଁ କେତେ କଷ୍ଟ ତାହା ଭଲ ଭାବେ ଅନୁଭବ କରିପାରୁଥିବେ। କିନ୍ତୁ ଆଜି ସମସ୍ତ ସୁବିଧା ଉପଲବ୍ଧ ଥିବା ସ୍ୱତନ୍ତ୍ର ଏୟାରପୋର୍ଟ ଅଛି। ଆଜି ଯାତ୍ରୀ ଭାବେ ବିମାନରେ ବସି ଖୁସି ଅନୁଭବ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି, 'କଳହାଣ୍ଡି ଏବେ ପରିବର୍ତ୍ତନଶୀଳ। ଅଭି ତୋ ଅସଲି ଉଡାନ ବାକି ହୈ। ଅଭି ତୋ ଇମତିହାନ ବାକି ହୈ। ହମନେ ନାପି ହୈ ମୁଠି ଭର ଜମିନ, ଅଭି ତୋ କଳାହାଣ୍ଡି କା ଆଶମାନ ବାକି ହେ ବୋଲି କହିଥିଲେ।

## ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଛି


ନୂଆପଡା ଏନ୍‌ଏସିରେ ଜାତୀୟ ପତାକା ଉତ୍ତୋଳନ ବେଳେ ନଗରପାଳ ଓ ଅନ୍ୟମାନେ।

### ନୂଆପଡା, ଖରିଆର ରୋଡରେ ସ୍ୱାୟତ୍ତ ଶାସନ ଦିବସ

ନୂଆପଡା,୩୧।୮ (ମକାରୁ ବେମାଲ)

ନୂଆପଡା ଓ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଗୁରୁବାର ସ୍ୱାୟତ ଶାସନ ଦିବସ ପାଳିତ ହୋଇ ଯାଇଛି। ନୂଆପଡା ବିଜ୍ଞାପିତ ପରିଷଦ କାର୍ଯ୍ୟାଳୟରେ ନଗରପାଳ ମହମ୍ମଦ ଆଦାମ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ୱଚ୍ଛତା ଉପରେ ପ୍ରାଥମିକତା ଦିଆଯାଉଛି ବୋଲି ଏହି ଅବସରରେ ନଗରପାଳ କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଉପାଧ୍ୟକ୍ଷା ସଞ୍ଜୁକ୍ତା ପଣ୍ଡା, ହରିଶ୍ଚନ୍ଦ୍ର ପଣ୍ଡା,କାଉନସିଲର ଶିବାନନ୍ଦ ସାହୁ, ଲେଖରାମ ଦଣ୍ଡସେନା ଓ ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଜେଲକୁ ଯାଇ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ। ସେଠାରୁ ବିଜୁ ପଟ୍ଟାନାୟକ ମାନସିକ ଅନଗ୍ରସର ବିଦ୍ୟାଳୟ ଯାଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଫଳ ବଣ୍ଟନ କରା ଯାଇଥିଲା। ସେହିପରି ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନଗରପାଳ ସୋନିଆ ଜୈନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ କମଲାସନ ରଥ,ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆବାସ ଗୃହ ପାଇଥିବା ହିତାଧିକାରୀଙ୍କୁ ମନ୍ତ୍ରୀ କାର୍ଯ୍ୟଦେଶ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ସ୍ୱଚ୍ଛ, ସୁନ୍ଦର ସହର କରିବାକୁ ଆହ୍ୱାନ


ଦିବସ ପାଳନ ଅବସରରେ ନଗରପାଳ ଓ ଅନ୍ୟମାନେ।

### ଖଡିଆଳ ଏନଏସିରେ ସ୍ୱାୟତ୍ତ ଶାସନ ଦିବସ

ଖଡ଼ିଆଳ,୩୧।୮(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନଗରପାଳ ଉଜ୍ଜଳ ଗୁପ୍ତା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖଡିଆଳ ସହରକୁ ସ୍ୱଚ୍ଛ, ସୁନ୍ଦର କରିବାକୁ ସହଯୋଗ ଲୋଡା। ଏନଏସିକୁ ଅଧିକ ବିକଶିତ କରିବା ସହ ଓଡ଼ିଶା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାକୁ ନଗରପାଳ ଗୁପ୍ତା ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖଡିଆଳ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଉପାଧକ୍ଷ ଶକୁନ୍ତଳା ରାଉତ, କାଉନସିଲର ସୁଚିସ୍ମିତା ମହାରଣା, ରେବତୀ ଶବର, ସୁନୀଲ କୁମାର ସାହୁ, ନରେନ୍ଦ୍ର ଶବର, ବିନତି ହଂସ, ବଜରଙ୍ଗ ଭୋଇ, ଲକ୍ଷ୍ମଣ ଦୁରିଆ, ସୁବେର ସିଂଦେଓ, ଯଶୋଦା ସିନ୍ଧୁର, ବଜରଙ୍ଗ ଭୋଇ, ଏନଏସି କର୍ମଚାରୀ ହେମନ୍ତ କୁମାର ପଣ୍ଡା, ପଥୀରାଜ ବାଗ, ଗୌତମ ସାହୁ, ବିକାଶ ରଞ୍ଜନ ପାଢ଼ି, ଲୋକନାଥ ପଟେଲ, ହୃଦାନନ୍ଦ ତାଣ୍ଡି,ରାଜା ଛତ୍ରିୟା, ଅର୍ଜୁନ ନିଆଲ ପ୍ରମୁଖ ଯୋଗଦେଇଥିଲେ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଣ୍ଟନ

କୋକସରା,୩୧।୮(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାର କଲ୍ୟାଣମଣ୍ଡପଠାରେ ଗୁରୁବାର କଳାହାଣ୍ଡି ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ବିଡ଼ିଓ ଉତ୍ତମ କୁମାର ବାଗ, ଜିଲା ଶ୍ରମ ବିଭାଗ ଅଧିକାରୀ ସୁବାଷ ଚନ୍ଦ୍ର ମସ୍ତକ ଓ ଅନ୍ୟ ଶ୍ରମ ବିଭାଗ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ବାଗ ତାଙ୍କ ବକ୍ତବ୍ୟରେ କହିଥିଲେ, ନିର୍ମାଣ ଶ୍ରମିକଙ୍କ ପାଇଁ ରହିଥିବା ରାଜ୍ୟ ସରକାରଙ୍କ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ବ୍ଲକ ଉପାଧକ୍ଷ ଅଗ୍ରୱାଲ ସମସ୍ତ ନିର୍ମାଣ ଶ୍ରମିକଙ୍କୁ ଅନ୍‌ଲାଇନରେ ଶ୍ରମ ବିଭାଗର କାର୍ଯ୍ୟାଳୟରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଶ୍ରମିକମାନେ କିଭଳି ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁଫଳ ପାଇବେ ସେନେଇ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୧୦ ଜଣ ନିର୍ମାଣ ଶ୍ରମିକଙ୍କ ପରିବାରବର୍ଗଙ୍କୁ ୩୬,୨୪,୭୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ୧୨ ଜଣ ଶ୍ରମିକଙ୍କ ମୃତ୍ୟୁଜନିତ ସହାୟତା ପାଇଁ ୨୨ ଲକ୍ଷ ଟଙ୍କା, ଶ୍ରମିକ ପରିବାର ବିବାହ ପାଇଁ ୩୦ ଜଣଙ୍କୁ ୧୧,୫୦,୦୦୦ ହଜାର, ୫୯ ଜଣଙ୍କୁ ଶିକ୍ଷା ଗ୍ରହଣ ସହାୟତା ପାଇଁ ୨,୨୯,୮୦୦, ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୯ ଜଣଙ୍କୁ ୪୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରେଡ୍ ୟୁନିୟନ ସଦସ୍ୟଙ୍କ ସହ ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ।

## ଖେଳପଡ଼ିଆ ମରାମତି ଦାବି କଲେ କ୍ରୀଡ଼ାପ୍ରେମୀ


ବିଡିଓଙ୍କୁ ଭେଟିଥିବା ଜଡାମୁଣ୍ଡା ବସ୍ତିର ଯୁବ କ୍ରୀଡାବିତ୍‌ମାନେ।

ଲୋଇସିଂହା, ୩୧।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପଡିଆ ସନ୍ତସନ୍ତିଆ ହୋଇ ପଡିଛି। ଫଳରେ ପ୍ରାୟ ଏକ ମାସ ହେବ କ୍ରୀଡାବିତ୍ କ୍ରୀଡାଭ୍ୟାସ କରି ପାରୁନାହାନ୍ତି। ଖେଳପଡିଆ ମରାମତି ଦାବିରେ ଜଡାମୁଣ୍ଡା ବସ୍ତିର ଯୁବ କ୍ରୀଡାବିତମାନେ ଲୋଇସିଂହା ବିଡିଓ ଆକାଶ ରଞ୍ଜନ ସାହୁଙ୍କ ନିକଟରେ ଗୁରୁବାର ଫେରାଦ ହୋଇଛନ୍ତି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଡିଓ ସାହୁ କହିଛନ୍ତି ।

ସୂଚନା ଅନୁଯାୟୀ, ଅଗଷ୍ଟ ୭ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଲୋଇସିଂହା ଗସ୍ତରେ ଆସିଥିଲେ। ଲୋଇସିଂହା କଲେଜ ପଡିଆରେ ହେଲିପ୍ୟାଡ ଓ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ବର୍ଷା ଦିନ ହୋଇଥିବାରୁ ସେତେବେଳେ ପଡିଆରେ ଅତ୍ୟାଧୁନିକ ଟେଷ୍ଟ ମରାଯାଇଥିଲା। ଯାନବାହନ ଯାତାୟତ କରିବାରୁ ଖେଳପଡିଆ ଖାଲଖମ୍ଭା ଏବଂ ସନ୍ତସନ୍ତିଆ ହୋଇଯାଇଛି । ଏହାବ୍ୟତୀତ ବର୍ଷାରେ ପଡିଆ କାଦୁଅ ହୋଇଥିବାରୁ କ୍ରଶର ଗୁଣ୍ଡ ପକାଇ ଯାଇଛି । ତେଣୁ ପଡିଆରେ ଖେଳାଭ୍ୟାସ କରିବା ସମ୍ଭବ ହେଉନାହିଁ । ୫-ଟି ସଚିବଙ୍କ କାର୍ଯ୍ୟକ୍ରମ ସରିଲା ପରେ ମରାମତି କରିବାକୁ ବ୍ଲକ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ସେହିପରି ହେଲିପ୍ୟାଡ ହୋଇଥିବା ବ୍ଲକର ଯୋଗୀସର୍ଡା କଲେଜ ପଡିଆ ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି। ଉଭୟ ସ୍ଥାନର ଖେଳ ପଡିଆ ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଆନ୍ଦୋଳନରେ ପିଇଓ, ଆବାସ ହିତାଧିକାରୀ ହଟହଟା

ଲୋଇସିଂହା,୩୧।୮(ସୁଶାନ୍ତ ବାରିକ)

ବିଭିନ୍ନ ଦାବି ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ସାମୂହିକ ଛୁଟି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ପିଇଓଙ୍କ ଆନ୍ଦୋଳନ ଯୋଗୁ ଲୋଇସିଂହା ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଦ୍ୱିତୀୟ କିସ୍ତି ଟଙ୍କା ପାଇବାରୁ ବଞ୍ଚିତ ରହିଛନ୍ତି। ଘର ନିର୍ମାଣ ଅଗ୍ରଗତି ହେଉ ନ ଥିବାରୁ ହିତାଧିକାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ଜୁନମାସରେ ୨୦୨୧-୨୨ ବର୍ଷର ଆବାସ ଯୋଜନା କାର୍ଯ୍ୟାଦେଶ ଦିଆଯାଇଛି। ପ୍ରଥମ ଥର ପାଇଁ ଅନଲାଇନ ମଧ୍ୟମରେ ବ୍ଲକର ୬୪୫ ହିତାଧିକାରୀ କାର୍ଯ୍ୟାଦେଶ ପାଇ ଘର ନିର୍ମାଣ ଆରମ୍ଭ କରିଛନ୍ତି। ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୪୫ ହଜାର ଟଙ୍କା ମିଳିଛି । ପ୍ରାୟତଃ ହିତାଧିକାରୀଙ୍କ ଘର ଛାତ ପାଇଁ ସେଣ୍ଟ୍ରିଂ କାମ ସରିଛି । ଆଉ କେତେକଙ୍କ ଘର ଛାତ ପଡି ସାରିଲାଣି । ୧୮ରୁ ପିଇଓମାନେ ସାମୂହିକ ଛୁଟି ନେଇ ଆନ୍ଦୋଳନକୁ କରୁଛନ୍ତି। ପିଇଓ ନ ଥିବାରୁ ହିତାଧିକାରୀ ଦ୍ୱିତୀୟ କିସ୍ତି ୬୫ ହଜାର ଟଙ୍କା ପାଇ ନାହାନ୍ତି। ଏବେ ଦୋକାନୀ ଧାର ଦେବାକୁ ଅମଙ୍ଗ ହେଉଛନ୍ତି। ଟଙ୍କା ଅଭାବରେ ଘର କାମ ବନ୍ଦ ହୋଇଯାଇଛି। ବର୍ଷାଦିନରେ ଚଷବାସ ସମୟରେ ହିତାଧିକାରୀ ଘର କାମ କରୁଛନ୍ତି। ହେଲେ ଦ୍ୱିତୀୟ କିସ୍ତି ଟଙ୍କା ମିଳିବାରେ ବିଳମ୍ବ ଯୋଗୁ ହିତାଧିକାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବିଲ ପାଇଁ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଗୁରୁବାର ବିଡିଓ ଚିଠି କରିଥିବା ଜଣାପଡିଛି।

## ମହାକାଶ ବିଜ୍ଞାନକୁ ନେଇ କୁଇଜ୍ ପ୍ରତିଯୋଗିତା

ନୂଆପଡା,୩୧ ।୮(ମକାରୁ ବେମାଲ)

ନୂଆପଡା କେନ୍ଦ୍ରୀୟ ବିଦ୍ୟାଳୟଠାରେ ମହାକାଶ ବିଜ୍ଞାନକୁ ନେଇ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୌଖିକ ପ୍ରତିଯୋଗିତାରେ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଓ ଲିଖନୀ ପରୀକ୍ଷାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏହି ଲିଖିତ ଓ ମୌଖିକ ପରୀକ୍ଷାରେ କୃତ କାର୍ଯ୍ୟ ହେବେ ସେମାନେ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରିବେ । ସେଠାରେ କୃତକାର୍ଯ୍ୟ ହେଲେ ଇସ୍ରୋ ଯାଇ ବୈଜ୍ଞାନିକମାନଙ୍କ ସହ ସାକ୍ଷାତ କରିବେ। ବରିଷ୍ଠ ଶିକ୍ଷକ ନବ କିଶୋର ସାହୁ କାର୍ଯ୍ୟକ୍ରକୁ ପରିଚାଳନା କରିଥିଲେ। ନିୟତି ଫାଉଣ୍ଡେସନ ଦ୍ୱାରା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବିଷୟରେ ମଳୟ ରଞ୍ଜନ ମଣ୍ଡଳ ଉପସ୍ଥାପନ କରିଥିଲେ।



ଜଣେ ପ୍ରତିଯୋଗୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଶା କୃଷି ସେବା ସଂଘର ଧାରଣା

ବଲାଙ୍ଗୀର ଅଫିସ,୩୧।୮
(ବୀରେନ୍ଦ୍ର କୁମାର ଝାଙ୍କର)

କ୍ୟାଡର ପୁନର୍ବିନ୍ୟାସ ପାଇଁ ଦାବିରେ ଆନ୍ଦୋଳନ କରୁଥିଲେ ମଧ୍ୟ ସରକାର କୃଷି ସେବା ସଂଘ ଦାବିକୁ ଗ୍ରହଣ କରୁନାହାନ୍ତି। ଏହାର ପ୍ରତିବାଦ କରି ସେମାନେ ଗୁରୁବାରଠାରୁ ସମୂହ ଛୁଟି ନେଇ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି। ପୂର୍ବରୁ କୃଷି ସେବା ସଂଘ ବଲାଙ୍ଗୀର ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବି ସହ ଚେତାବନୀ ଦେଇଥିଲେ। କ୍ୟାଡର ପୁନର୍ବିନ୍ୟାସ ସହ ଦରମା ହାରରେ ପରିବର୍ତ୍ତନ, ଲେବେଲ ୧୩ରେ ଦୁଇଟି ପଦୋନ୍ନତିର ଅସଙ୍ଗତିକୁ ଦୂର କରିବା, କୃଷିସେବାକୁ ଗ୍ରୁପ ଏ'ରେ ରଖିବା, ଖାଲିଥିବା ପଦବୀକୁ ତୁରନ୍ତ ପୂରଣ କରିବା ପରି ଦାବି ପୂରଣ ନେଇ କୌଣସି ପ୍ରକାର ପ୍ରତିଶ୍ରୁତି କିମ୍ବା ଦାବିପୂରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇ ନ ଥିବାରୁ ସଂଘ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କେନ୍ଦ୍ର ସରକାରଙ୍କ ଯୋଜନା ସବୁ କାମ କରୁଥିବାବେଳେ ସେମାନଙ୍କ ଦାବି ପୂରଣ ପାଇଁ ସରକାରଙ୍କ କୌଣସି ପ୍ରତିକ୍ରିୟା ନ ମିଳିବା ପରିତାପର ବିଷୟ ବୋଲି ସଂଘ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଆବାହକ ସୁନନ୍ଦା ସାହୁ, କୋଷାଧ୍ୟକ୍ଷ ସ୍ୱସ୍ତିକ କୁମାର ପଣ୍ଡା ସୂଚନା ଦେଇଥିଲେ। ଓଡିଶା କୃଷି ସେବା ସଂଘ ସହ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମୃତ୍ତିକା ସଂରକ୍ଷଣ ବିଭାଗ। ବଲାଙ୍ଗୀର ବିଭାଗ ମୁଖ୍ୟ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମହିଶ ଦାଶଙ୍କ ନେତୃତ୍ୱରେ କଳ୍ପବଟ ବେହେରା, ସନ୍ତୋଷ କୁମାର ରଥ, ରଜନୀ କୁମ୍ଭାରଙ୍କ ନେତୃତ୍ୱରେ ଅଧିକାରୀମାନେ ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି। କୃଷି ସେବା ସଂଘ ର ଧାରଣାସ୍ଥଳକୁ ଯାଇ ସେମାନଙ୍କୁ ନୈତିକ ସମର୍ଥନ ଦେବା ସହ ମୃତ୍ତିକା ସଂରକ୍ଷଣ ବିଭାଗ ମଧ୍ୟ କାମ ବନ୍ଦ କରି ଧାରଣାରେ ବସିଥିଲେ।


ଜିଲା କୃଷି ବିଭାଗ କାର୍ଯ୍ୟାଳୟରେ ଅଧିକାରୀମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ପଥୁରୀରେ ରକ୍ତଦାନ ଶିବିର

**ପଦ୍ମପୁର,୩୧।୮(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଡଙ୍ଗାଘାଟ ପଞ୍ଚାୟତ ଅନ୍ତର୍ଗତ ପଥୁରୀ ଗ୍ରାମରେ ଓଡ଼ିଶା ମୋ ପରିବାର (ଜୀବନ ବିନ୍ଦୁ) ଓ ପଥୁରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ଗୌରହରି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ପ୍ରତିନିଧି ଅନିରୁଦ୍ଧ ରଣା, ଭେଉଁରିଆ ପଞ୍ଚାୟତ ସଭାପତି ଉମେଶ ପ୍ରସାଦ ସାହୁ, ସରପଞ୍ଚ ଶଙ୍କର୍ଷଣ ନାଗ, ସମିତି ସଭ୍ୟ ସୋନୁ ପାଣ୍ଡେ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁଶୀଲ ବେହେରା ଓ ଆଶିଷ ବେହେରା ଶିବିର ପରିଚାଳନା କରିଥିଲେ। ପଦ୍ମପୁର ରକ୍ତଭଣ୍ଡାର ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା।

### ଗୌରାଙ୍ଗ ମଠରେ ଝୁଲଣଯାତ୍ରା ସମ୍ପନ୍ନ

**ଭେଡ଼େନ,୩୧।୮(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶରିପାଲିସ୍ଥିତ ଗୌରାଙ୍ଗ ମଠରେ ୫ ଦିନ ଧରି ଚାଲିଥିବା ଝୁଲଣ ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ମନ୍ଦିରରୁ ଆଣି ବେଢାରେ ସୁସଜ୍ଜିତ ଦୋଳିରେ ବସାଇ ପ୍ରତ୍ୟହ ଭାଗବତ ପାରାୟଣ ଏବଂ ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ମଠ ମହନ୍ତ ଗଙ୍ଗାଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବ ପରିଚାଳିତ ହୋଇଥିଲା । ଦ୍ୱିତୀୟା ସେଟ, ଦାଶରଥି ପରିଡ଼ା, ଜ୍ଞାନେଶ୍ୱର ପଧାନ, ଚନ୍ଦ୍ରଶେଖର ଦାଶ,ଘନଶ୍ୟାମ ବଡେଇ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ମୋ ସ୍କୁଟି ଯୋଜନା: ୪୧ ମହିଳାଙ୍କୁ ଋଣରାଶି ବଣ୍ଟନ

**ପଦ୍ମପୁର, ୩୧।୮(ପ୍ରଦୀପ୍ତ ଦାଶ):** ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ମୋ ସ୍କୁଟି ଯୋଜନା ଆରମ୍ଭ ହୋଇଛି। ଏହି କ୍ରମରେ ବରଗଡ଼ ଜିଲା ପଦ୍ମପୁର ବ୍ଲକରେ ପ୍ରଥମ କରି ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ପଦ୍ମପୁର ଶାଖା ତରଫରୁ ୪୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସ୍କୁଟି କିଣିବା ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯାଇଛି। ଗୁରୁବାର ୨ୟ ପର୍ଯ୍ୟାୟରେ ପୁଣି ୪୧ ମହିଳାଙ୍କୁ ଋଣ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଡ଼ିଓ ବିଶ୍ୱନାଥ ସାହୁ, ବ୍ୟାଙ୍କର ସିଇଓ ଅମୂଲ୍ୟ ନନ୍ଦ ମହାନ୍ତି, ଲୋନ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଶାଖା ପରିଚାଳକ ପ୍ରଭଞ୍ଜନ ମାଝୀ, ସହ ପରିଚାଳକ ମନୋଜ କୁମାର ସାହୁ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବର୍ଷା ନାହିଁ, ଚାଷଜମି ଶୁଖିଲାଣି

**ବରଗଡ଼/ଝାରବନ୍ଧ,୩୧।୮ (ପ୍ରେମାନନ୍ଦ ଖମାରୀ/ଦେବେନ୍ଦ୍ର ସାହୁ)**


ଝାରବନ୍ଧ ଅଞ୍ଚଳରେ ଶୁଖିଲା ପଡ଼ିଥିବ ଧାନ ଫସଲ ।

ବରଗଡ଼ ଜିଲା ଚାଷୀଙ୍କୁ ସମସ୍ୟା ପିଛା ଛାଡୁନାହିଁ। କେତେବେଳେ ଅଭାବିବିକ୍ରୀ ଯୋଗୁ ଚାଷୀଙ୍କୁ ବିକ୍ରିଧାନର ଉଚିତ୍ ମୂଲ୍ୟ ମିଳିପାରୁ ନାହିଁ ତ ଆଉକେବେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାରେ ମରୁଡ଼ି ସ୍ଥିତି ଉପୁଜିବାରେ ଲାଗିଛି। ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ଏହି ଜିଲାରେ ବର୍ତ୍ତମାନ ଚାଷୀଙ୍କୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଆସନ୍ନ ମରୁଡ଼ି ପରିଲକ୍ଷିତ ହୋଇଛି। ଏହା ଜିଲାର ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ଜିଲାରେ ଜୁନ ମାସରୁ ଖରିଫ୍ ଚାଷକାର୍ଯ୍ୟ ଆରମ୍ଭ କରିଥାଏ । ଜିଲାର ସମୁଦାୟ ୩ଲକ୍ଷ ୪୮ହଜାର ହେକ୍ଟର ଚାଷୋପଯୋଗୀ ଜମିରୁ ଖରିଫରେ ଉଭୟ ଜଳସେଚିତ, ଅଣଜଳସେଚିତ ଅଞ୍ଚଳରେ ୨ଲକ୍ଷ ୧୨ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ । ତେବେ ଖରିଫ ଚାଷ ବର୍ଷା ଉପରେ ହିଁ ନିର୍ଭର କରିଥାଏ। ମାତ୍ର ଜୁନ ମାସକୁ ଛାଡ଼ିଦେଲେ ଏଥର ଜୁଲାଇ ଏବଂ ଅଗଷ୍ଟ ମାସରେ ସ୍ୱାଭାବିକ ବୃଷ୍ଟିପାତ ପରିମାଣରୁ ଯଥେଷ୍ଟ କମ୍ ବର୍ଷା ହୋଇଛି। ଜୁନ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫.୬ ମି.ମି ହୋଇଥିବାବେଳେ ୨୫୨.୮୫ ମି.ମି ବର୍ଷା ହୋଇଛି। କିନ୍ତୁ ଜୁନ ପରଠାରୁ ହୋଇଥିବା ବର୍ଷା ଜିଲାର ସ୍ୱାଭାବିକ ବୃଷ୍ଟିପାତକୁ ମଧ୍ୟ ଛୁଇଁ ପାରି ନାହିଁ। ଜୁଲାଇ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୯୭.୨୨ ମି.ମି ହୋଇଥିବାବେଳେ ୩୩୭.୧୩ ମି.ମି ବର୍ଷା ହୋଇଛି । ସେହିପରି ଅଗଷ୍ଟ ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୩୭୪.୪ ମି.ମି ଅଟେ । ମାତ୍ର ଚଳିତମାସ ବୁଧବାର ସୁଦ୍ଧା ୩୧୨.୭୮ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଛି । ଏଭଳି ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି।

ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଚାଷର ସ୍ଥିତି ଉପରେ ପ୍ରଶାସନ ୩ମାସରେ ଥରେ ରିପୋର୍ଟ ପ୍ରସ୍ତୁତି କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇବା ବ୍ୟବସ୍ଥା ରହିଛି। ସେ ନେଇ ସଠିକ୍ ରିପୋର୍ଟ ପ୍ରସ୍ତୁତ କରାଯିବା ଦରକାର। ବର୍ତ୍ତମାନ ଜିଲାରେ ଯେଭଳି ସ୍ଥିତି ଦେଖାଦେଲାଣି, ଏଥର ମରୁଡ଼ି ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି । ନଦୀନାଳରେ ଉଠାଜଳସେଚନ ବ୍ୟବସ୍ଥା ସହିତ ଚାଷଜମିକୁ ଜଳଯୋଗାଣ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଜରୁରୀ ହୋଇ ପଡ଼ିଛି । ସେହିପରି ଜିଲା ମୁଖ୍ୟ କୃଷି ଅଧିକାରୀ ଅମୀୟ ସାହୁ କହିଛନ୍ତି, ବର୍ତ୍ତମାନ ଫସଲରେ ସେଭଳି ଫରକ୍ ପଡ଼ି ନାହିଁ । ଆଉ ୮ଦିନ ମଧ୍ୟରେ ବର୍ଷା ନହେଲେ ଫସଲ ପ୍ରଭାବିତ ହେବାର ଆଶଙ୍କା ଦେଖାଯାଇଛି।

### ଚାଷୀମାନେ ଯାହା କହନ୍ତି...

**ଫସଲକ୍ଷତି ସତ୍ତ୍ୱେ ମିଳୁନି ସହାୟତା**



"୯ଏକର ଜମିରେ ଧାନଚାଷ କରିଛି। ବର୍ଷା ହେଉନାହିଁ। ଫସଲ ମରିବାରେ ଲାଗିଛି। ଗତବର୍ଷ ଫସଲକ୍ଷତି ହୋଇଥିଲା, କିନ୍ତୁ ସହାୟତା ମିଳିଲା ନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଉଠାଜଳସେଚନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। **– ଲିଙ୍ଗେଶ୍ୱର ପୋଡ଼, କୋତନା**

**ପ୍ରଶାସନ ପଦକ୍ଷେପ ନେବା ଜରୁରୀ**



"୮ଏକର ଜମିରେ ଧାନଚାଷ କରିଛି। ସବୁଜମି ବର୍ଷା ଉପରେ ନିର୍ଭର କରିଥାଏ। ଚାଷଜମି ଶୁଖିଗଲାଣି। ଆଗକୁ ବର୍ଷା ନହେଲେ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯିବା ନିଶ୍ଚିତ ହୋଇ ପଡ଼ିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବା ଦରକାର। **– ଡୋଲାମଣି ପାତ୍ର, ସଲଡ଼ିହି**

**ଧାନଗଛ ହଳଦିଆ ହୋଇ ଗଲାଣି**



"ବର୍ଷା ଯେଭଳି ହୋଇଥିଲା, ଏଥର ଭଲ ଫସଲ ହେବ ବୋଲି ଆଶା ରଖିଥିଲୁ। ଚାଷକାର୍ଯ୍ୟ ମଧ୍ୟ ଆଗେଇ ନେଇଥିଲୁ। ହେଲେ ଧାନଗଛ ବଢ଼ି ଚାଲିଥିବାବେଳେ ବର୍ଷା ହେଉ ନାହିଁ। ପାଣି ଅଭାବରୁ ଧାନଗଛଗୁଡ଼ିକ ହଳଦିଆ ବର୍ଣ୍ଣର ହୋଇଗଲାଣି। **–ଦ୍ରୋଣାଚାର୍ଯ୍ୟ ପୋଡ଼, କୋତନା**

### ଭୋଟର ସଚେତନତାକୁ ଗୁରୁତ୍ୱ

**ବରଗଡ଼,୩୧।୮(ପ୍ରେମାନନ୍ଦ ଖମାରୀ)** ବରଗଡ଼ ଜିଲା ପ୍ରଶାସନ ତରଫରୁ ଯୁବ ଭୋଟର ପଞ୍ଜୀକରଣ ତଥା ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ 'ମୁବିମିତା' ନାମରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ଡେପୁଟି କଲେକ୍ଟର(ନିର୍ବାଚନ) ମମତା ପ୍ରଧାନ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସ୍ୱେଚ୍ଛାସେବୀ ଭାବେ ଚୟନ କରାଯାଇଥିବା ସ୍କୁଲ, କଲେଜର ୧୦୦ ଛାତ୍ରୀଙ୍କୁ 'ମୁ ବି ମିତା' ଅଭିଯାନରେ ଭୋଟର ସଚେତନତା ସୃଷ୍ଟି କରିବା, ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନୂତନ ଭୋଟରଙ୍କ ନାମ ଯୋଗ, କାଟିବା, ଅନ୍ୟାନ୍ୟ ସଂଶୋଧନ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେମାନେ ଏହି ଅଭିଯାନରେ ନେତୃତ୍ୱ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏସ୍ଏଚ୍‌ଜି, ଜନସାଧାରଣ ଏବଂ ଯୁବ ଭୋଟରଙ୍କୁ ସଚେତନ କରିବା ପାଇଁ ଜିଲାପାଳ ବାନାର୍ଜୀ ଗୁରୁତ୍ୱାରୋପ କରିଥିଲେ।

# ୨ରେ ବରଗଡ଼ ଏସ୍‌ପି ଅଫିସ ଘେରାଉ

**ବରଗଡ଼/ଭେଡ଼େନ,୩୧।୮ (ପ୍ରେମାନନ୍ଦ ଖମାରୀ/ସୁଦନ ମହାକୁର)**

କୋଶଳ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବରଗଡ଼ ଜିଲା ପୋଲିସ କୋଶଳ ସେନାର କର୍ମୀଙ୍କ ଉପରେ ରାଜନୈତିକ ଚାପରେ ଆକ୍ରୋଶମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ନେଉଥିବା ଅଭିଯୋଗ ହୋଇଛି। କୋଶଳ ସେନାର କର୍ମୀଙ୍କୁ ପୋଲିସ ମିଥ୍ୟା ଅଭିଯୋଗରେ ସଙ୍ଗୀନ ଦଫା ଲଗାଇ ଜେଲରେ ପୂରାଉ ଥିବାବେଳେ ମରଣାନ୍ତକ ଆକ୍ରମଣ ହେବା ସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁ ନ ଥିବା ଅଭିଯୋଗ ହୋଇଛି । ଗତ ୨୯ତାରିଖ ସନ୍ଧ୍ୟାରେ ସହର ଉପକଣ୍ଠ ପାଣିଛତର ଓଭରବ୍ରିଜ ନିକଟରେ କୋଶଳ ସେନା କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ଟାଉନ ଥାନାରେ ଏତଲା ଦେବାର ୨ଦିନ ବିତିଯିବା ସତ୍ତ୍ୱେ ପୋଲିସ ହାତବାନ୍ଧି ବସିଥିବା କୋଶଳ ସେନା ଅଭିଯୋଗ କରିଛି । ଏ ସମ୍ପର୍କରେ ବରଗଡ଼ ଟାଉନ ଥାନା ଆଇଆଇସି ସତ୍ୟଜିତ୍ କାଣ୍ଡନକେଲଙ୍କୁ ପଚାରିବାରୁ ସେହି ଅଭିଯୋଗକୁ ନେଇ ଜି.ଡି (ଜେନେରାଲ ଡାଏରୀ) କରାଯାଇ ତଦନ୍ତ ଚାଲୁଥିବା ସେ କହିଛନ୍ତି। ଅନ୍ୟପଟେ ପୋଲିସର ସେଭଳି ପକ୍ଷପାତ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୨ତାରିଖରେ



ଖବରଦାତା ସମ୍ମିଳନୀରେ କୋଶଳ ସେନାର କର୍ମୀବୃନ୍ଦ ।

### ପୋଲିସର ପକ୍ଷପାତିତା, ତାତିଲା କୋଶଳ ସେନା

ବରଗଡ଼ ଏସ୍‌ପି ଅଫିସ ଘେରାଉ କରିବାକୁ କୋଶଳ ସେନା ନିଷ୍ପତ୍ତି ନେଇଛି।

ଏ ନେଇ ଗୁରୁବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋଶଳ ସେନାର ବିରବଲ ମହାକୁଡ଼ ସୂଚନା ଦେଇ କହିଥିଲେ, ଗତ ୨୯ତାରିଖ ସନ୍ଧ୍ୟାରେ କୋଶଳ ସଂଗ୍ରାମୀ ଅନିଲ ଭୁଏ ବରଗଡ଼ରୁ ଘରକୁ ଫେରୁଥିବାବେଳେ ଭେଡ଼େନ ଥାନା ଖୁଣ୍ଟଲିପାଲି ଅଞ୍ଚଳର ୨ଜଣ ତାଙ୍କୁ ସହର ଉପକଣ୍ଠ ପାଣିଛତର ଓଭରବ୍ରିଜ ନିକଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଭୀମସାର୍‌ରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦିଆଯାଇଛି। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା, ମାମଲା ସୁଦ୍ଧା ରୁଜୁ କରି ନ ଥିବା ମହାକୁଡ଼ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗତ ୨୨ତାରିଖରେ ଖୁଣ୍ଟୁଲିପାଲି ଅଞ୍ଚଳରେ ଅପେରା ପୋଷ୍ଟର ଚିରିବା ଘଟଣାରେ ପୋଲିସ ମିଥ୍ୟା ଅଭିଯୋଗକୁ ନେଇ ସଙ୍ଗୀନ ଦଫା ଲଗାଇ ମାମଲା ରୁଜୁ କରିଛି ଏବଂ କୋଶଳ ସଂଗ୍ରାମୀମାନଙ୍କୁ ଜେଲରେ ପୂରାଇଥିବା ଅଭିଯୋଗ ହୋଇଛି। ପୋଲିସର ଏଭଳି ପକ୍ଷପାତିତାକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ପ୍ରତିବାଦରେ ଆସନ୍ତା ୨ତାରିଖରେ କୋଶଳ ସେନା ବିଭିନ୍ନ ସଙ୍ଗଠନକୁ ଏକଜୁଟ୍ କରି ଏସ୍‌ପି ଅଫିସ ସମ୍ମୁଖରେ ତାର ଦୃଢ଼ ପ୍ରତିବାଦ କରିବ। ଆବଶ୍ୟକ ହେଲେ ବରଗଡ଼ ଜିଲା ବନ୍ଦ ଡାକରା ମଧ୍ୟ ଦିଆଯିବ ବୋଲି କୋଶଳ ସେନାର ମହାକୁଡ଼ ଚେତାବନୀ ଦେଇଛନ୍ତି। ସେହିପରି ପୋଲିସ ଜୁଲୁମ ପ୍ରତିବାଦରେ ଭେଡେନ ସିଦ୍ଧେଶ୍ୱର ମନ୍ଦିର ପରିସରରେ କୋଶଳ ସେନା ଆହ୍ୱାନରେ ଏକ ସର୍ବଦଳୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୋଶଳ ସେନାର କେନ୍ଦ୍ରିୟ କମିଟି ସଦସ୍ୟ ବୀରବଲ ମହାକୁଡ, ଅଶୋକ ଛତରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପାର କୁଶ କୁମ୍ଭାର, ଉର୍ଦ୍ଦୁଲୁ ତାଣ୍ଡି, ବିପିନ ଭୋସାଗର, ବିଜେଡ଼ିର ହରିଶଙ୍କର ବେହେରା, ବୀରବଲ ହୋତା, ସୁରେନ୍ଦ୍ର କର୍ମୀ, ଅମୃତ କୁଟୁମ୍ବ, ସଂକଳ୍ପ ପରିବାର, ବଣିକ ସଂଘ, ଓକିଲ ସଂଘ ଯୋଗଦେଇ କୋଶଳ ସେନାକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

# ପଦ୍ମପୁର ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ପଦ୍ମପୁର,୩୧।୮(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ପକ୍ଷରୁ ଗୁରୁବାର ରାଜାଜୀ ଟାଉନ ହଲଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍ଏସି ଅଧକ୍ଷା ସାବିତ୍ରୀ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ସ୍ୱାଗତ ଭାଷଣ ଦେଇଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ବିଡ଼ିଓ ବିଶ୍ୱନାଥ ସାହୁ, ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ସମ୍ମାନିତ ଅତିଥି, ଅଧ୍ୟାପିକା ଶର୍ମିଳା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ପରେ ରାଜେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପୂର୍ବରୁ ଏନ୍ଏସି ଅଧକ୍ଷା ଓ କର୍ମଚାରୀମାନଙ୍କ ଦ୍ୱାରା ସକାଳେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପଦ୍ମପୁର ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।


ଅତିଥିମାନେ କୃତୀମାନଙ୍କୁ ପୁରସ୍କୃତ କରୁଛନ୍ତି ।

# କବିଙ୍କ ନୀତି, ଆଦର୍ଶ ଗ୍ରହଣ ପାଇଁ ଆହ୍ୱାନ






ବିକାଶରେ ଅନୁଷ୍ଠିତ ଗଙ୍ଗାଧର ଜୟନ୍ତୀ ସମାରୋହ । ଗଙ୍ଗାଧର ଜୟନ୍ତୀରେ ସମ୍ବଲପୁରୀ ସାହିତ୍ୟ ପତ୍ରିକା ଉନ୍ମୋଚନ ।

**ବରଗଡ଼,୩୧।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକସ୍ଥିତ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଯୋଗଦାନ କରିଥିଲେ। ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନାରାୟଣ ରଥ ଅଧ୍ୟକ୍ଷତା କରିଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଏବଂ କବିତା ଉପରେ ଆଲୋଚନା କରିଥିଲେ। ଏହାସହିତ ସ୍ୱଭାବ କବିଙ୍କ କବିତାର ନୀତି, ଆଦର୍ଶକୁ ଛାତ୍ରୀଛାତ୍ର କିଭଳି ଜୀବନରେ ଉପଯୋଗ କରିପାରିବେ, ତାହା ଉପରେ କ୍ରୀଷ୍ଣା ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ଡ. ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିବା ସହିତ କବିଙ୍କ କାବ୍ୟ, କବିତା ଉପରେ ଆଲୋକପାତ କରିଥିଲେ। ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବରିଷ୍ଠ ଅଧ୍ୟାପକ ପି.ଏମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଦେବାଶିଷ ଦାଶ ଗଙ୍ଗାଧର ସାହିତ୍ୟରେ ବିଜ୍ଞାନ ଚେତନା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁନିଲ କୁମାର ମେହେର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ବିକାଶର ପ୍ରଶାସନିକ ଅଧିକାରୀ ଏସ୍. କାନ୍ତାରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

### ବରଗଡ଼ରେ ଗଙ୍ଗାଧର ଜୟନ୍ତୀ

ବରଗଡ଼ ଜିଲା ବିଜେପୁରସ୍ଥିତ ଏସ୍ଏଚ୍‌ଜି ଭବନରେ ଗୁରୁବାର ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଛି। ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପରିଷଦ ସଭାପତି ମୋହନ ସିଂ କନ୍ହେଇ ଅଧ୍ୟକ୍ଷତା କରିଥିବାବେଳେ ବରଗଡ଼ ପାର୍ବତୀ ଗିରି ମହିଳା କଲେଜର ଅଧ୍ୟାପିକା ଡ. ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ନୈସର୍ଗିକ ପ୍ରେମ କର୍ମାନୁଭବ ମେହେର ସାହିତ୍ୟକୁ କାଳଜୟୀ କରିଛି ବୋଲି ସେ କହିଥିଲେ। ଭେଡ଼େନ ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ କୁମାର ଭୋଇ, ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେହେର ସାହିତ୍ୟର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାର୍ଷିକ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହକେଲ୍‌ର ପ୍ରଥମ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ଗତ ମାଟ୍ରିକ ବୋର୍ଡ ପରୀକ୍ଷାରେ ବ୍ଲକ ଟପ୍ପର ଛାତ୍ର ଉତ୍କଳପ୍ରିୟ ସାହୁଙ୍କୁ ମୋହନ ପ୍ରଜ୍ଞା ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ମକରଧ୍ୱଜ ସାହୁ ମାନପତ୍ର ପାଠ କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ରାଜେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ. ଚିନ୍ମୟ ସାହୁ ପରିଚୟ ପ୍ରଦାନ, ଉପସଭାପତି ଦିଲୀପ କୁମାର ଦେବତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁଷମା ଭୋଇ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ପ୍ରଦୀପ କୁମାର ପ୍ରଧାନ, ଅଧ୍ୟାପକ ଉପେନ୍ଦ୍ର ସାହୁ, ଦେବାଶିଷ ମେହେର, ଦିଲେଶ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ହରିଲାଲ ସାହୁ, ରାମପ୍ରସାଦ ବାଗ, ଅଶୋକ ପୂଜାରୀ, ନବକିଶୋର ସାହୁ, ତହସିଲ ସାହୁ, ପ୍ରଦୀପ ଗୁରୁ, ବିରଞ୍ଚି ମେହେର, ଯୋଗେଶ ଚନ୍ଦ୍ର ମେହେର, ନିବାରଣ କୁମୁରିଆ ପ୍ରମୁଖ ଉପସ୍ଥିତ ଥିଲେ। କବି ସାବିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମପୀଠରେ ଗଙ୍ଗାଧରଙ୍କ ସ୍ମୃତିଚାରଣ

**ବରପାଲି,୩୧।୮(ଚିତ୍ତରଞ୍ଜନ ସାହୁ)**


ଗଙ୍ଗାଧର ମେହେର ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ଜନ୍ମପୀଠ ବରପାଲିରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ କ୍ଲବର ସଭାପତି ଡକ୍ଟର ଘନଶ୍ୟାମ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବରେଣ୍ୟ ଅତିଥି, ବରପାଲି ନଗରପାଳ ଦୀନେଶ ଗହୀର ସମ୍ମାନିତ ଅତିଥି, ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଛାୟାକାନ୍ତ ଷଡଙ୍ଗୀ ମୁଖ୍ୟ ବକ୍ତା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ବବ୍ରୁବାହନ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବିଙ୍କ କାବ୍ୟ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷ ବିଶିଷ୍ଟ ସାହିତ୍ୟିକ ବବ୍ରୁବାହନ ମହାପାତ୍ରଙ୍କୁ ହରିପ୍ରିୟା ମୁଣ୍ଡ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯାଇଥିଲା। ସହ ସମ୍ପାଦକ ବାଲ କିଶୋର ଖାଡଙ୍ଗା ଅତିଥି ପରିଚୟ ପ୍ରଦାନ ଏବଂ କମିଟିର ଆବାହକ ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରଯାଇଥିଲା। ସକାଳେ କ୍ଲବ ପରିସରରେ ଥିବା ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ନିକଟରେ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଦୁର୍ଗା ମନ୍ଦିର ନିକଟସ୍ଥ କବିଙ୍କ ବାସଭବନ କବି ଭବନଠାରେ ମଧ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସାରସ୍ୱତ ସମାରୋହ ପୂର୍ବରୁ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ, ସାରଦା ଦେବୀ ପବ୍ଲିକ ସ୍କୁଲ, ମହଦା ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ମେହେରଙ୍କ ରଚନା ବଳୀରୁ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ସମାରୋହରେ ବହୁ ମେହେର ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ। ସେହିପରି ଗଙ୍ଗାଧର ସ୍ମୃତି କମିଟି ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା କବି ଭବନରୁ ବାହାରିଥିଲା। ସେହିପରି ମେହେର(ଭୁଲିଆ) ସମାଜ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ବିଭିନ୍ନ ସ୍ଥାନରେ ଥିବା ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।




## ଆଜି କ'ଣ କେଉଁଠି

ରାଉରକେଲା

- ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ ଖଡିଆପଡ଼ା ବସ୍ତି ବାସିନ୍ଦା, ଉଦିତନଗର, ସାଢ଼େ ୧୦ଟା।
- ଇଣ୍ଟରନ୍ୟାଶନାଲ ଏକ୍ସପୋ ମେଳାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୧୩ ମେଳଣ ପଡ଼ିଆ, ସନ୍ଧ୍ୟା ସାଢ଼େ ୭ଟା।

## ସଂକ୍ଷେପରେ

### ହାଇୱା-ବସ୍ ଧକ୍କା

ରାଉରକେଲା,୩୧।୮(ସଙ୍ଗୀତା ଜେନା): କୁଆଁରମୁଣ୍ଡା ରୋଡ ସ୍ଥିତ ସୁନୟନା ମେଟାଲିକ୍ସ ଗୋପପାଲି ନିକଟରେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଏକ ହାଇୱା (ନଂ.ଓଆର୨୩ଏଫ୍/୩୧୫୫) ବିରମିତ୍ରପୁରକୁ ଯାଉଥିବା ଶକ୍ତି ବସ୍ (ନଂ.ଓଆର୧୪ଏସ୍/୯୫୭୭)କୁ ଧକ୍କା ଦେଇଥିଲା। ତେବେ ଏହି ଦୁର୍ଘଟଣାରୁ ଯାତ୍ରୀମାନେ ସୌଭାଗ୍ୟକ୍ରମେ ବର୍ତ୍ତିଯାଇଥିଲେ। ସମାନ୍ତରାଳ ଆଡକୁ ଯାଉଥିବା ବସ ପଛରୁ ହାଇୱା ଧକ୍କା ଦେଇଥିଲା। ଫଳରେ ବସର ପଛଭାଗ ଓ ହାଇୱାର ଆଗ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି।

### ଚୋରି ଅଭିଯୋଗ, ଜଣେ ଗିରଫ

ରାଉରକେଲା,୩୧।୮(ସଙ୍ଗୀତା ଜେନା): ଗତ ୪ ତାରିଖରେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀରେ ରହୁଥିବା ବିଜୟ ସିଂ ନାମକ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତମାନେ ନଗଦ ୧୦ ହଜାର ଟଙ୍କା, ମାପଚୁପ ମେଶିନ, ହାତଘଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଏତଲା ହେବା ପରେ ପୋଲିସ ଗୁରୁବାର ମାଲଗୋଦାମ ଅଞ୍ଚଳରୁ ମନୁ ସାହୁ ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୫ଶହ ଟଙ୍କା ଓ ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୪୫।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଫେରାର ଅଭିଯୁକ୍ତ ଗିରଫ

ରାଉରକେଲା,୩୧।୮(ସଙ୍ଗୀତା ଜେନା): ଉଦିତନଗର ଥାନା ଅଞ୍ଚଳରୁ ପୋଲିସ ଗୁରୁବାର ପୂର୍ବାହ୍ନରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କ ରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ୱଜିତ ପ୍ରସାଦ। ବିଭିନ୍ନ ଥାନାରେ ତାଙ୍କ ନାମରେ ୪ଟି ଚୋରି ଓ ଛିନ୍‌ତାଇ ମାମଲା ରହିଛି। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରାମପ୍ରସାଦ ନାଗ କହିଛନ୍ତି।




ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ନେତୃତ୍ୱରେ ଆଶାକର୍ମୀମାନେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ଆଶା କର୍ମୀ ସଂଘର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୩୧।୮(ଦିନେଶ ମିଶ୍ର)

ହରିୟାଣାରେ ଆଶାକର୍ମୀମାନେ ସେମାନଙ୍କ ବିଭିନ୍ନ ଦାବିକୁ ନେଇ ସିଆଇଟିୟୁ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବାବେଳେ ପୋଲିସ ସେମାନଙ୍କ ଉପରେ ଅତ୍ୟାଚାର କରିଥିଲା। ଏହାର ପ୍ରତିବାଦରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ନେତୃତ୍ୱରେ ଆଶାକର୍ମୀମାନେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଶତାଧିକ ଆଶାକର୍ମୀ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ବିମାନ ମାଇତି, ଶକୁନ୍ତଳା ମହାକୁଡ, ହୃଦାନନ୍ଦ ଯାଦବ, ରାଜ କିଶୋର ପ୍ରଧାନ, ଅଭୟ ସସ୍ମିତା ଖେସ, ଲିନା ଡୁଙ୍ଗଡୁଙ୍ଗ, ରୀତାରାଣୀ ମାନା, ଜୟନ୍ତୀ ପାଣ୍ଡବ, ସୁବିତ ଲୁଗୁନଙ୍କ ସମେତ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ।

# ଅଭାବରେ ଚାଲିଛି ଅଗ୍ନିଶମ ସେବା

ରାଉରକେଲା,୩୧।୮(ସଙ୍ଗୀତା ଜେନା)

ଝଡ଼ବତାସ, ଅଗ୍ନିକାଣ୍ଡ, ଜଙ୍ଗଲ ନିଆଁ, ବନ୍ୟା ଓ ଅନ୍ୟ ଆପାତକାଳୀନ ପରିସ୍ଥିତିରେ ଅଗ୍ନିଶମ ବା ଦମକଳ ବାହିନୀଙ୍କୁ ଖୋଜାପଡେ। ସେମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ପରିସ୍ଥିତିକୁ ଆୟତ୍ତ କରିଥାନ୍ତି। ଏପରିକି ଦମକଳ ବାହିନୀ ବିଭିନ୍ନ ଲୋକହିତକର କାର୍ଯ୍ୟରେ ମଧ୍ୟ ଯୋଗଦାନ କରିଥାନ୍ତି। ନିଜ ଜୀବନକୁ ବାଜି ଲଗାଇ ଅଗ୍ନିଶମ କର୍ମଚାରୀମାନେ ଜନଜୀବନ ରକ୍ଷା କରନ୍ତି। ତେବେ ରାଉରକେଲା ସହରରେ ଥିବା ଅଗ୍ନିଶମ କେନ୍ଦ୍ରରେ କର୍ମଚାରୀ ସାଙ୍ଗକୁ ଅତ୍ୟାଧୁନିକ ଯନ୍ତ୍ରପାତି ସମ୍ପନ୍ନ ଦମକଳ ଗାଡ଼ି ଅଭାବ ଥିବା ଦେଖିବାକୁ ମିଳିଛି। ଫଳରେ ଜନସାଧାରଣଙ୍କୁ ଠିକଣା ସମୟରେ ସେବା ମିଳିପାରୁ ନ ଥିବା ଅଭିଯୋଗ ହେଉଛି।

ଆର୍‌ଏମ୍‌ସି ସମେତ ଆଖପାଖ ଅଞ୍ଚଳକୁ ସେବା ଯୋଗାଇ ଦେବା ପାଇଁ ରାଉରକେଲା ଦମକଳ କେନ୍ଦ୍ରରେ ମାତ୍ର ୫ଟି ଗାଡ଼ି ରହିଛି। ସେହିପରି ଏଠାରେ କର୍ମଚାରୀ ଅଭାବ ପରିଲକ୍ଷିତ ହୋଇଛି। କେନ୍ଦ୍ର ଅଧିକାରୀଙ୍କ କହିବା ଅନୁଯାୟୀ, ଏଠାରେ ମାତ୍ର ୧୩ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ୧୬ଟି ପଦବୀ ଥିବାବେଳେ ୧୩ ଜଣ ୨ଟି ୟୁନିଟରେ କାର୍ଯ୍ୟ କରୁଛନ୍ତି। ଗୋଟିଏ ପ୍ଲାଜମା କଟର ଭ୍ୟାନ (ରେଳ ଦୁର୍ଘଟଣା ସମୟରେ ବ୍ୟବହୃତ), ୩ଟି ପାଣି ଗାଡ଼ି ଓ ୨ଟି ଉଦ୍ଧାର କାର୍ଯ୍ୟ ପାଇଁ ଛୋଟ ଦମକଳ ରହିଛି। ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ସମେତ କାଳବୈଶାଖୀ ଓ ଗଛ କାଟିବା, ମେଳା ମହୋତ୍ସବ ଏବଂ ଭିଆଇପି କାର୍ଯ୍ୟକ୍ରମରେ ସେମାନଙ୍କୁ ଯୋଗଦେବାକୁ ପଡୁଛି। ସେହିପରି ନଦୀ କୂଳରେ ଅନୁଷ୍ଠିତ ପର୍ବପର୍ବାଣି ଯଥା ଡଙ୍ଗାଭସା, ଛଟ୍ ବ୍ରତ, ବେଦବ୍ୟାସ ମେଳା ଓ ଅନ୍ୟ ମେଳା ପାଇଁ ଅଗ୍ନିଶମ ବାହିନୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଉଛି। ରାଉରକେଲାର କୋଏଲ ନଗର, ବାସନ୍ତୀ କଲୋନୀ, ଛେଣ୍ଡ, ଉଦିତନଗର, ସିଭିଲଟାଉନଶିପ୍, ପାନପୋଷ ଆଦି ଆର୍‌ଏମ୍‌ସି ଅଞ୍ଚଳ ସମେତ ଗୋପବନ୍ଧୁପାଲି, ମଧୁସୂଦନପାଲି, ଟିମ୍ବରକଲୋନୀ, ମାଲଗୋଦାମ, ଗଙ୍ଗାଧରପାଲି, ବାଲୁଘାଟ ବସ୍ତି, ଦେଓଗାଁ, ବନ୍ଧମୁଣ୍ଡା ତିଳକାନଗର ବସ୍ତି, ନେପାଳୀ ବସ୍ତି ସମେତ ବଡ଼ ବଡ଼ ଜନବହୁଳ ଅଞ୍ଚଳ ରହିଛି। କାଳବୈଶାଖୀ ସମୟରେ ଅଧିକ କର୍ମଚାରୀ ଆବଶ୍ୟକ ପଡୁଥିବା ବେଳେ ଅନ୍ୟ କେନ୍ଦ୍ରରୁ ସହାୟତା ଲୋଡା ଯାଉଛି। ଏ ସମ୍ପର୍କରେ ଉପଅଗ୍ନିଶମ ଅଧିକାରୀ (ଏଏଫ୍‌ଓ) ସରୋଜ ବେହେରାଙ୍କୁ ପଚରାଯିବାରୁ ସେ କହିଲେ, ସମଗ୍ର ରାଜ୍ୟରେ ଅଗ୍ନିଶମ ବିଭାଗରେ କର୍ମଚାରୀ ଅଭାବ ରହିଛି। ରାଜ୍ୟ ସରକାର ନୂତନ ନିଯୁକ୍ତି ପାଇଁ ଉଦ୍ୟମ କରୁଛନ୍ତି। ଅନ୍ୟ ମହାନଗର ଭଳି ହାଇଡ୍ରୋଲିକ ପ୍ଲାଟଫର୍ମ ସମ୍ପନ୍ନ ଦମକଳ ଗାଡ଼ି ବ୍ୟବସ୍ଥା ନାହିଁ। ସମସ୍ତ କଲ୍‌କୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେଉଛୁ। ଅଧିକ ଆବଶ୍ୟକ ରହିଲେ ରାଉରକେଲା ଇସ୍ପାତ କାରଖାନା ଅଗ୍ନିଶମ ବିଭାଗର ସାହାଯ୍ୟ ନିଆଯାଉଛି। ରାଉରକେଲା ଏଏଫ୍‌ଓ ସର୍କଲ ଅନ୍ତର୍ଗତ ରାଉରକେଲା ଫାୟାର ଷ୍ଟେଶନ ପାନପୋଷ, କୁଆଁରମୁଣ୍ଡା, ନୂଆଗାଁ, ବଣେଇ, କୋଇଡ଼ା, ଲହୁଣୀପଡ଼ା, ଗୁରୁଣ୍ଡିଆ, ବିଶ୍ରା ଆଦି ଅଗ୍ନିଶମ କେନ୍ଦ୍ର ରହିଛି। ମୁଖ୍ୟ କାର୍ଯ୍ୟାଳୟରୁ ପ୍ରତ୍ୟେକ ବର୍ଷ ନିଆଁ ଲିଭାଇବା ଉପକରଣ ସମାନ ଭାବେ ବିତରଣ କରାଯାଉଛି ବୋଲି ବେହେରା କହିଥିଲେ।




ରାଉରକେଲା ସ୍ଥିତ ଅଗ୍ନିଶମ କେନ୍ଦ୍ର।

**ରାଉରକେଲା କେନ୍ଦ୍ର**

**ସାଢ଼େ ୩ ଲକ୍ଷ ଜନସଂଖ୍ୟାକୁ ୫ ଗାଡ଼ି**

## ଫୁଡ୍ କୋର୍ଟ ଉଦ୍‌ଘାଟନ କଲେ ମନ୍ତ୍ରୀ



ଶ୍ରମ ମନ୍ତ୍ରୀ ଫୁଡ୍ କୋର୍ଟକୁ ଉଦ୍‌ଘାଟନ କରୁଛନ୍ତି।

ରାଉରକେଲା,୩୧।୮(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨ଟି ନୂତନ ପ୍ରକଳ୍ପର ଲୋକାର୍ପଣ ଓ ମିଶନ ଶକ୍ତି କାଫେ ଶିଳାନ୍ୟାସ କରାଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦିତନଗରରେ ମିଶନ ଶକ୍ତି କାଫେ'ର ଭୂମି ପୂଜନ ସହିତ ଟ୍ରାଫିକ ଛକ ସ୍ଥିତ ଶୀତଳ ଭଣ୍ଡାର ଓ ଛେଣ୍ଡସ୍ଥିତ ଫୁଡ୍ କୋର୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ରଙ୍ଗୋଲି ପ୍ରତିଯୋଗିତା, ଉଦିତନଗରସ୍ଥିତ ମିନି ଷ୍ଟାଡିୟମ ପରିସରରେ ମହାନଗର ନିଗମ କର୍ମଚାରୀଙ୍କ ମଧ୍ୟରେ

**ଆର୍‌ଏମ୍‌ସିର ସ୍ୱାୟତ୍ତ ଶାସନ ଦିବସ ପାଳିତ**

ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଓ ଟଗ୍ ଅଫ୍ ୱାର ଖେଳାଯାଇଥିଲା। ଫ୍ୟାନ୍‌ସି ଡ୍ରେସ ପ୍ରତିଯୋଗିତା, ସଫେଇ କର୍ମଚାରୀଙ୍କ ଦ୍ୱାରା ଗ୍ରୁପ ଡ୍ୟାନ୍ସ, ନାଟକ 'ସପନ ନୁହେଁ ସତ' ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ସନ୍ଧ୍ୟାରେ ମହାନଗର ପାଠାଗାର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମହାନଗର ନିଗମ ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ର ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମର ଉପ ଆୟୁକ୍ତ ସୁଧାଂଶୁ ଭୋଇ, ସୁକାନ୍ତ କୁମାର ବେଉରା, ଅତିରିକ୍ତ ଆୟୁକ୍ତ ନରେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ପାହାଡ଼ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା, ୩୧।୮(ସଙ୍ଗୀତା ଜେନା)

ପଶ୍ଚିମ ଓଡିଶା ବିକାଶ ସେନା ତରଫରୁ ବେଦବ୍ୟାସସ୍ଥିତ ମନ୍ଦିର ରାସ୍ତାର ବାମପାର୍ଶ୍ୱ ପାହାଡ ଉପରେ ଗୁରୁବାର ବିଭିନ୍ନ ପ୍ରକାର ଗଛଚାରା ରୋପଣ କରାଯାଇଥିଲା। ବିକାଶ ସେନାର ଅଧ୍ୟକ୍ଷ ପ୍ରଫୁଲ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଔଷଧୀୟ ଏବଂ ଫଳଚାରା ରୋପଣ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ସାମିଲ କରି ଗଛଗୁଡିକର ଦାୟିତ୍ୱ ନେବାକୁ ସେନାର ସଦସ୍ୟମାନେ ଅନୁରୋଧ କରିଥିଲେ। ଏହି ଅବସରରେ ଲାକ୍ରା ସ୍ଥାନୀୟ ବାସିନ୍ଦାଙ୍କୁ ଆମ ଗାଁ, ଆମ ମାଟି, ଆମ ଜଙ୍ଗଲ ଉପରେ ତଥ୍ୟ ପ୍ରଦାନ କରି କହିଥିଲେ, ଆମ ଗାଁ ଓ ଆମ ମାଟିକୁ ଆମେ ଯେପରି ଭଲ ପାଉଛେ ସେହିପରି ଆମ ପରିବେଶକୁ ମଧ୍ୟ ଠିକ୍ ଭାବେ ପରିଚାଳିତ କଲେ ଆମେ ସମସ୍ତେ ସୁସ୍ଥ ରହିବା। ତେଣୁ କରି ସମସ୍ତେ ପରିବେଶ ସନ୍ତୁଳନ ପାଇଁ ଗଛଟିଏ ଲଗାନ୍ତୁ ବୋଲି ସେ କହିଥିଲେ। ପୂର୍ବତନ ସୈନିକ ଇଂ. ଚକ୍ରାନ୍ତ ଜେନା, ସାମାଜିକ କର୍ମୀ ମହେଶ୍ୱର ଗୌଡ, ଆନନ୍ଦ ମହାରଣା, ଶୁଭେନ୍ଦୁ ମହାନ୍ତି, ସୋନୁ ବଡାଇକ, ଶାନ୍ତି ଓରାମ, ଶୁକମଣି ବଡାଇକ, ମିନାକ୍ଷୀ ଦେବୀ ଏବଂ ପୁଷ୍ପା ଦେବୀ ସହଯୋଗ କରିଥିଲେ।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା।

## ଯୁଦ୍ଧ ଜାହାଜ ପାଇଁ ସେଲ୍‌ର ଇସ୍ପାତ ଯୋଗାଣ

ରାଉରକେଲା,୩୧।୮(ସଙ୍ଗୀତା ଜେନା)

ଭାରତର ଅନ୍ୟତମ ବୃହତ୍ତମ ଇସ୍ପାତ ଉତ୍ପାଦକ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ପୁଣିଥରେ ଭାରତୀୟ ନୌସେନାରେ ସ୍ୱଦେଶୀ ପି-୧୭ ଏ ପ୍ରକଳ୍ପ ଅଧୀନରେ ୭ମ ଯୁଦ୍ଧ ଜାହାଜ ନିର୍ମାଣ ପାଇଁ ଆବଶ୍ୟକୀୟ ପ୍ରାୟ ୪ ହଜାର ଟନ୍ ସ୍ୱତନ୍ତ୍ର ଷ୍ଟିଲ୍ ପ୍ଲେଟ୍ ଯୋଗାଇ ଭାରତର ପ୍ରତିରକ୍ଷା ସାମର୍ଥ୍ୟରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ମେସର୍ସ ମାଜଗାନ ଡକ୍ ଲିମିଟେଡ୍ ଦ୍ୱାରା ନିର୍ମିତ ୪ର୍ଥ ଯୁଦ୍ଧ ଜାହାଜ ସେପ୍ଟେମ୍ବର ୧ ତାରିଖରେ ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ

**ଭାରତର ପ୍ରତିରକ୍ଷା ସ୍ୱଦେଶୀକରଣକୁ ମଜଭୁତ ପ୍ରୟାସ**

ରହିଛି। ଦେଶର ସାମୁଦ୍ରିକ ସୁରକ୍ଷା ପାଇଁ ଏହି ଜାହାଜ ନିର୍ମାଣ ଏକ ମାଇଲଖୁଣ୍ଟ ଅଟେ। ପି-୧୭ଏ ଜାହାଜ ବିକାଶରେ ସେଲ୍ ଏକ ପ୍ରମୁଖ ଅଂଶୀଦାର ଭାବରେ ଉଭା ହୋଇଛି। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିନ୍ଧ୍ୟଗିରି ନାମକ ୬ଷ୍ଠ ଯୁଦ୍ଧ ଜାହାଜ ନିର୍ମାଣ ପାଇଁ ସମାନ ପରିମାଣରେ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦେଇଥିଲା ସେଲ୍। ପି-୧୭ଏ ପ୍ରକଳ୍ପ ମେସର୍ସ ମାଜଗାନ୍ ଡକ୍ ଲିମିଟେଡ୍ ଦ୍ୱାରା ସମୁଦାୟ ୪ଟି ଜାହାଜ ଓ ମେସର୍ସ ଜିଆର୍‌ଏସ୍‌ଇ ଦ୍ୱାରା ୩ଟି ଜାହାଜ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି। ମାଜଗାନ୍ ୨୦୧୯ ସେପ୍ଟେମ୍ବରରୁ ୨୦୨୨ ସେପ୍ଟେମ୍ବର ମଧ୍ୟରେ ୩ଟି ଯୁଦ୍ଧ ଜାହାଜ ଶୁଭାରମ୍ଭ କରିଥିବା ବେଳେ ମେସର୍ସ ଜିଆରଏସଇ ୨୦୨୦ ଡିସେମ୍ବରରୁ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ୩ଟି ଜାହାଜକୁ ସଫଳତାର ସହ ଲଞ୍ଚ୍ କରିଛି। ଏହି ଜାହାଜଗୁଡ଼ିକର ନିର୍ମାଣ ଲାଗି ପ୍ରାୟ ୨୮ ହଜାର ଟନ୍ ଇସ୍ପାତ ଯୋଗାଇ ଦେଇଛି। ସୂଚନାଯୋଗ୍ୟ, ବିମାନ ପରିବହନକାରୀ ଆଇଏନ୍‌ଏସ୍ ବିକ୍ରାନ୍ତ, ଆଇଏନ୍‌ଏସ୍ ଉଦୟଗିରି ଏବଂ ଆଇଏନ୍‌ଏସ୍ ସୁରଟ ଓ ଆର୍ଟିଲରି ବନ୍ଧୁକ ଧନୁଷ ସମେତ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ସେଲ୍ ଇସ୍ପାତ ଯୋଗାଇଛି।

## ମୁକ୍ତ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ରାଉରକେଲା,୩୧।୮(ସଙ୍ଗୀତା ଜେନା)

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆର୍‌ଏସ୍‌ପି ପକ୍ଷରୁ ମୁକ୍ତ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ୨୦୨୩ ଗତ ୨୯ ତାରିଖରେ ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମରେ ଆରମ୍ଭ ହୋଇଥିଲା। ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ପି.କେ. ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରୋଟୋକଲ ହସ୍ପିଟାଲିଟି, ସମାଜ କଲ୍ୟାଣ କ୍ରୀଡ଼ା ଏବଂ ଏୟାରପୋର୍ଟ ବିଭାଗର ଜିଏମ୍ ରାକେଶ ବର୍ମାଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅତିଥିମାନେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନୀଳଶୈଳ କଲେଜ ଓ ସେଣ୍ଟ ପଲ୍ସ ସ୍କୁଲ ହମିରପୁର ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରଘୁ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଟୁର୍ନାମେଣ୍ଟ ନକ୍ ଆଉଟ୍ ଆଧାରରେ ଖେଳାଯାଇଥିଲା। ଏଥିରେ ପ୍ରାୟ ୩୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହା ସେପ୍ଟେମ୍ବର ୭ରେ ଶେଷ ହେବ ବୋଲି ସୂଚନା ଦିଆଯାଇଛି।



ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମରେ କ୍ରୀଡ଼ା ପ୍ରତିଯୋଗିତାରେ ଖେଳାଳିମାନେ।

# ତାଲା ପକାଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ରାଉରକେଲା,୩୧।୮(ସଙ୍ଗୀତା ଜେନା)

ରାଜ୍ୟ ସରକାର ଆୟୁଷ ଛାତ୍ରୀଛାତ୍ରଙ୍କ ଦାବି ପ୍ରତି ଅଣଦେଖା କରୁଥିବାରୁ ରାଜ୍ୟର ୭ଟି କଲେଜ ସମେତ ରାଉରକେଲାର ସେକ୍ଟର-୨୧ ଉତ୍କଳମଣି ହୋମିଓପାଥିକ ମେଡିକାଲ କଲେଜର ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ସେମାନେ କଲେଜ କକ୍ଷରେ ତାଲା ପକାଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଡ. ଆଶିଷ ମହାପାତ୍ର ଓ ଡ. ସୋନାଲୀ ଶୁଭଦର୍ଶନୀ ସାହୁ ଏବଂ ଛାତ୍ରନେତା ହିତେଶ ଗିରି ଓ ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, କେନ୍ଦ୍ର ସରକାର ଆୟୁଷ ବିଭାଗକୁ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟ ସରକାର ଉଦାସୀନ ରହିଛନ୍ତି। ନୂତନ ପଦବୀ ସୃଷ୍ଟି ନ ହେଲେ ୬ ବର୍ଷ ପାଠ ପଢ଼ିବାର କୌଣସି ମୂଲ୍ୟ ରହିବ ନାହିଁ। ଆଗାମୀ ଦିନରେ ଡାକ୍ତରମାନେ ରୋଜଗାର ପାଇବାରୁ ବଞ୍ଚିତ ହେବେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ବିକ୍ଷୋଭ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା।

ସୂଚନାଯୋଗ୍ୟ, ଓଡ଼ିଶାରେ ୧୧୮୧ଟି ସରକାରୀ ଆୟୁଷ ହସ୍ପିଟାଲ ରହିଥିବା ବେଳେ ୩୫ ହଜାର ଲୋକଙ୍କୁ ଜଣେ ଆୟୁଷ ଡାକ୍ତର ସେବା ଯୋଗାଉଛନ୍ତି। ରାଜ୍ୟର ୧୦୭ଟି ବ୍ଲକରେ ସରକାରୀ ହୋମିଓପାଥିକ ଚିକିତ୍ସାଳୟ ଓ ୧୧୪ଟି ବ୍ଲକରେ କୌଣସି ଆୟୁର୍ବେଦିକ ଚିକିତ୍ସାଳୟ ନାହିଁ। ବିଗତ ୨୧ ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାରୀ ଆୟୁଷ ଚିକିତ୍ସାଳୟ ଖୋଲାଯାଇନାହିଁ। ନୂତନ ଆୟୁଷ ଡାକ୍ତର ପଦବୀ ସୃଷ୍ଟି, ପ୍ରତିବର୍ଷ ଶହେ ଲେଖାଏ ହୋମିଓପ୍ୟାଥି ଓ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବା ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଏ ନେଇ ରାଜ୍ୟରେ ୩ଟି ଆୟୁର୍ବେଦିକ ଓ ୪ଟି ହୋମିଓପାଥିକ କଲେଜର ଛାତ୍ରୀଛାତ୍ର ଗତ ୧୮ ତାରିଖରେ ରାଜ୍ୟ ଆୟୁଷ ବିଭାଗକୁ ଅବଗତ କରିଥିଲେ। ସରକାରୀ ଉଦାସୀନତା ବିରୋଧରେ ଗତ ୨୫ ତାରିଖରେ କଳାବ୍ୟାଜ୍ ପରିଧାନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।




ସେକ୍ଟର-୨୧ ଉତ୍କଳମଣି ହୋମିଓପ୍ୟାଥିକ ମେଡିକାଲ କଲେଜରେ ତାଲା ବନ୍ଦ କରି ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଆୟୁଷ ବିଭାଗରେ ନୂତନ ନିଯୁକ୍ତି ଦାବି**

## ବୁର୍ଲା ଏନ୍ଏସି ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର,(ବି.ଶଙ୍କର): ବୁର୍ଲାସ୍ଥିତ ଏନ୍ଏସି ମହାବିଦ୍ୟାଳୟରେ ଗୁରୁବାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଭରତଭୂଷଣ ଚୌଧୁରୀଙ୍କ ପରିଚାଳନାରେ ସଭା ହୋଇଥିଲା। ଅବସର ଗ୍ରହଣ କରିଥିବା ଅଧକ୍ଷା ଡ. ଝରଣା ମହାନ୍ତିଙ୍କୁ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ବଟ୍ନୀ ବିଷୟରେ ୩୮ ବର୍ଷ ସେବା ପ୍ରଦାନ କରି ଛାତ୍ରୀଛାତ୍ରଙ୍କ ପ୍ରିୟ ହୋଇଥିଲେ। ସମାରୋହରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତାଙ୍କ କାର୍ଯ୍ୟକାଳକୁ ସ୍ମରଣ କରିଥିଲେ।

**ସଂକ୍ଷେପରେ**

## ରହସ୍ୟଘେରରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟଣା

ସମ୍ବଲପୁର,୩୧।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଶାସନ ଥାନା ମାଝିପାଲିରେ ସୁରକ୍ଷା କର୍ମୀ କବିରାଜ ପାତ୍ରଙ୍କ ମୃତ୍ୟୁ ଘଟଣା ରହସ୍ୟଘେରରେ ରହିଛି। ସୂଚନା ଅନୁସାରେ, ସରକାରୀ ମଦ ଡିପୋ ପଛପଟେ ଏକ ଘରେ ସୁରକ୍ଷାକର୍ମୀ ଭାବରେ କାର୍ଯ୍ୟରତ ପାତ୍ରଙ୍କ ମୃତଦେହ ଫ୍ୟାନରେ ଝୁଲୁଥିଲା। ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଯାଇ ପ୍ରାରମ୍ଭିକ ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇଯିବ ବୋଲି ପୋଲିସ କହିଛି।

## କ୍ରୀଡ଼ା ଦିବସରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ନାକଟିଦେଉଳ,୩୧।୮ (ବୈକୁଣ୍ଠ ନାଥ ସାହୁ)

ହକି ତାରକା ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ବଞ୍ଜାଗୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସରେ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ମୋ ସ୍କୁଲର ସଭାପତି ସନ୍ତୋଷ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଶିକ୍ଷକ ସୁଭାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ବ୍ରଜ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ମୋ ସ୍କୁଲର ସଭାପତି ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତିମା ଜାଲ ଯୋଗ ଦେଇଥିଲେ। ୧୧ଟି ପ୍ରତିଯୋଗିତାରେ ମୋଟ ୭୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶେଷରେ ଶିକ୍ଷକ ବାବୁଲାଲ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ ଚାଷୀ ଗୋଷ୍ଠୀଙ୍କୁ ପାଣିପମ୍ପ ବଣ୍ଟନ

ନାକଟିଦେଉଳ,୩୧।୮ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଶିମିଳିପାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମରେ ଗୁରୁବାର ଭାରତୀୟ ଆଗ୍ରୋ ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆଣ୍ଡ ଫାଉଣ୍ଡେସନ (ବାଏଫ୍) ପକ୍ଷରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଯୋଗରେ ୧୫ ଗୋଷ୍ଠୀର ୬୦ଜଣ ଚାଷୀଙ୍କୁ ୧୫ ପାଣିପମ୍ପ ବଣ୍ଟନ କରାଯାଇଛି। ବାଏଫ୍‌ର ସମ୍ବଲପୁର ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱ ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିମିଳିପାଲ ସରପଞ୍ଚ ସସ୍ମିତାରାଣୀ ପ୍ରଧାନ ମୁଖ୍ୟଅତିଥି, ନାକଟିଦେଉଳ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଏଫ୍‌ର କୃଷି ବିଶେଷଜ୍ଞ ବୁଦ୍ଧଦେବ ଜନ ପାଣି ପମ୍ପ ନେଇଥିବା ଚାଷୀମାନେ ଯେପରି ଠିକ ଭାବେ ଏହାର ଉପଯୋଗ କରି ଲାଭ ଉଠାଇପାରିବେ ସେ ଉପରେ ଆଲୋଚନା କରିଥିଲେ।

# କେନ୍ଦୁପତ୍ର ଶ୍ରମିକ ପରିବାର ପିଲା ପାଇବେ ଛାତ୍ରବୃତ୍ତି

- ୯୧ ହଜାର ପରିବାର ହେବେ ଉପକୃତ
- ସର୍ଭେ ପରେ ରିପୋର୍ଟ ପ୍ରସ୍ତୁତ

ସମ୍ବଲପୁର,୩୧।୮ (ଶୁଭାଶିଷ ପାଢ଼ୀ)



ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ମାନି ନେଇଛନ୍ତି ରାଜ୍ୟ ସରକାର। ଉଚ୍ଚସ୍ତରୀୟ ବୈଠକରେ ଛାତ୍ରବୃତ୍ତି ପାଇବା କ୍ଷେତ୍ରରେ ଛାତ୍ରୀଛାତ୍ର ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହେବା ସହ ଶୀଘ୍ର ବୃତ୍ତି ଟଙ୍କା ଦିଆଯିବାକୁ ସ୍ଥିର ହୋଇଛି। ଏହି ଯୋଜନାରେ କେନ୍ଦୁପତ୍ର ଶ୍ରମିକ, ତୋଳାଳି ଓ ବନ୍ଧାଳିରେ ଜଡ଼ିତ ଥିବା ରାଜ୍ୟର ପ୍ରାୟ ୯୧ ହଜାର ପରିବାରର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ୱେଲଫେୟାର ବୋର୍ଡ ସଭାପତି ସଞ୍ଜିତ ମହାନ୍ତି କହିଛନ୍ତି।

ସେ ଆହୁରି କହିଛନ୍ତି, ଶ୍ରମିକ ପରିବାର ପିଲାଙ୍କୁ ଛାତ୍ରବୃତ୍ତି ଯୋଜନାରେ ସାମିଲ କରିବା ନେଇ ସଚିବ ସ୍ତରରେ ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ସମସ୍ୟା ଓ ପ୍ରତିକାର ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତବର୍ଷ ପ୍ରାୟ ୯୧ ହଜାର ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ର ବୃତ୍ତି ନିମନ୍ତେ ରେଞ୍ଜ ଓ ଡିଭିଜନ ସ୍ତରୀୟ ବୈଠକରେ ସଚେତନତା ସୃଷ୍ଟି କରାଯାଉଛି। ୨୦୨୨ ନଭେମ୍ବର ୨୨ ଘୋଷଣା ଅନୁକ୍ରମେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀଙ୍କ ସ୍କୁଲ, କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଛାତ୍ରବୃତ୍ତି ପାଇବା ନେଇ ସରକାରଙ୍କ ପକ୍ଷରୁ ସର୍ଭେ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୨୨ ତାରିଖରେ ଉକ୍ତ ସର୍ଭେ ରିପୋର୍ଟକୁ ଭିତ୍ତି କରି ଏବଂ ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ପାଇବାରେ ଥିବା ଅସୁବିଧା ଦୂର କରିବାକୁ ନେଇ ଭୁବନେଶ୍ୱରରେ ବୈଠକ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ଆର୍ ବାଲଚନ୍ଦ୍ରନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ତଥା ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଆଦିବାସୀ ଦଳିତ ଶ୍ରେଣୀ ଓ ପଛୁଆ ବର୍ଗର କମିଶନର ତଥା ସଚିବ ରୁପାରୋଷନ ସାହୁ, ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି ଓ ଅନ୍ୟାନ୍ୟ ଉଚ୍ଚ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ୨୦୨୨ରେ ସମୁଦାୟ ୮ଲକ୍ଷ ୧୨ ହଜାର ୩୩୯ ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀ ଥିଲେ। ସେଥିମଧ୍ୟରୁ ୮ ଲକ୍ଷ ୧୨ ହଜାର ୨୧୨ ଜଣ ଅର୍ଥାତ୍ ଶତକଡା ୯୯. ୯୮ ସର୍ଭେ ଅନ୍ତର୍ଭୁକ୍ତ ହୋଇଥିଲେ। ୨୦୨୨-୨୩ ଶିକ୍ଷାବର୍ଷ ମଧ୍ୟରେ କେନ୍ଦୁପତ୍ର ଶ୍ରମିକ ପରିବାରଙ୍କ ୯୩ ହଜାର ୨୫୭ ଜଣ ଛାତ୍ରୀଛାତ୍ର ଛାତ୍ରବୃତ୍ତି ପାଇବାକୁ ହକ୍‌ଦାର ହୋଇଥିଲେ। ସେଥିପାଇଁ ୯୧୭୫୮ ଜଣ ତୋଳାଳି ପରିବାରର, ୬୦୨ ବନ୍ଧେଇ ଶ୍ରମିକ ପରିବାରର ଏବଂ ୮୯୭ ଜଣ ଛାତ୍ରୀଛାତ୍ର ସିଜନାଲ କର୍ମଚାରୀ ପରିବାରର ଅନ୍ତର୍ଭୁକ୍ତ। ଉକ୍ତ ସର୍ଭେ ରିପୋର୍ଟ ଅନୁଯାୟୀ ୮୯୫୪୩ ଜଣ ତୋଳାଳି ପରିବାର, ୫୫୨ ଜଣ ବନ୍ଧେଇ ଶ୍ରମିକ ପରିବାର ଓ ୮୭୩ ଜଣ ସିଜନାଲ କର୍ମଚାରୀଙ୍କ ଛାତ୍ରୀଛାତ୍ର ସମସ୍ତ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅର୍ଥାତ୍ ସର୍ବମୋଟ ୯୦୮୬୮ ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରକ୍ଷା ବନ୍ଧନ

ସମ୍ବଲପୁର,୩୧।୮ (ବି.ଶଙ୍କର)

ସମ୍ବଲପୁର ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ରେଙ୍ଗାଲି ବୃଦ୍ଧାଶ୍ରମଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଶଶୀଭୂଷଣ ସାହୁ ଓ ସହ ପରିଚାଳକ ମନୋରଞ୍ଜନ ବେହେରା, ଆଦିତ୍ୟ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ରାଜୀବ ମିଶ୍ର ଯୋଗଦେଇ ଉତ୍ସବର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀର କାର୍ଯ୍ୟକର୍ତ୍ତାମାନେ ଅନ୍ତେବାସୀଙ୍କ ହାତ ରାଖୀ ବାନ୍ଧି ମଙ୍ଗଳ ମନାସିଥିଲେ। ଆଦିତ୍ୟ ପରିବାର ଓ ଅନୁଷ୍ଠାନର ୬୫ ଜଣ କାର୍ଯ୍ୟକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

## ବ୍ରହ୍ମପୁରା ମନ୍ଦିରରେ ଝୁଲଣ ଯାତ୍ରା

ସମ୍ବଲପୁର,୩୧।୮ (ବି.ଶଙ୍କର): ସମ୍ବଲପୁର ଝାଡ଼ୁଆପଡ଼ା ବ୍ରହ୍ମପୁରା ମନ୍ଦିରଠାରେ ଶ୍ରୀକୃଷ୍ଣଙ୍କ ଝୁଲଣ ଯାତ୍ରା ଗୁରୁବାର ଶ୍ରାବଣ ପୂର୍ଣ୍ଣିମା ତିଥିରେ ସମ୍ପନ୍ନ ହୋଇଛି। ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସେବାୟତମାନେ ଠାକୁରଙ୍କ ବେଶ କରିବା ସହ ଝୁଲଣ ମଣ୍ଡପକୁ ସୁସଜ୍ଜିତ କରିଥିଲେ। ସନ୍ଧ୍ୟାରେ ଭକ୍ତମାନେ ଠାକୁରଙ୍କୁ ଝୁଲାଇବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ବଳଦେବଙ୍କ ଜନ୍ମ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ବଡ଼ଦୁଆରଠାରେ ପରମ୍ପରାନୁସାରେ ସଞ୍ଜାର ପରିବେଷିତ ହୋଇଥିଲା।



ବ୍ରହ୍ମପୁରା ମନ୍ଦିରରେ ସୁସଜ୍ଜିତ ଝୁଲଣ ମଣ୍ଡପ।

## ମେହେର ଭୁଲିଆ ସମାଜ କାର୍ଯ୍ୟାଳୟରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ଭୁଲିଆ ସମାଜ ସଭ୍ୟାସଭ୍ୟ ଶୋଭାଯାତ୍ରାରେ ବାହାରିଛନ୍ତି।

ସମ୍ବଲପୁର,୩୧।୮ (ବି.ଶଙ୍କର)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ତିଥିରେ ସମ୍ବଲପୁର ମେହେର ଭୁଲିଆ ସମାଜ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ କରାଯାଇଛି। ଗୁରୁବାର ପୂର୍ବାହ୍ନ ୯ଟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅମୃତ ବିହାରସ୍ଥିତ ପ୍ରତିମୂର୍ତ୍ତିରେ ବରିଷ୍ଠ ସଭ୍ୟା ଶୈଳ ମେହେର ମାଲ୍ୟାର୍ପଣ କରିଥିଲା। କମଳିନି ମେହେରଙ୍କ ପରିଚାଳନାରେ ମହିଳାମାନେ ସମବେତ ଭାବେ ସ୍ୱଭାବ କବିଙ୍କ ରଚିତ ଧୀରେ ଧୀରେ ଆସ ମଳୟ ପବନ ଗୀତ ଗାନ କରିଥିଲେ। ଏହାପରେ ମହିଳାପୁରୁଷ, ଯୁବତୀଯୁବକ ସୁସଜ୍ଜିତ ବିମାନରେ ଗଙ୍ଗାଧରଙ୍କ ଫଟୋଚିତ୍ରକୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପଠାରେ ପହଞ୍ଚି ଥିଲେ। ସେଠାରେ ମାଲ୍ୟାର୍ପଣ କରି ଶୋଭାଯାତ୍ରା ସମ୍ବଲପୁର ମାରୱାଡି ପଡାସ୍ଥିତ ମେହେର ଭୁଲିଆ ସମାଜ କାର୍ଯ୍ୟାଳୟରେ ପହଞ୍ଚିବାରେ ଅତିଥି ଓ କର୍ମକର୍ତ୍ତାମାନେ ଗଙ୍ଗାଧରଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ଭୁଲିଆ ସମାଜ ସଭାପତି ରମାକାନ୍ତ ମେହେର, ସମ୍ପାଦକ ଗୋକୁଳ ମେହେରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

## ଆଇନ ଅପେକ୍ଷା ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା ରହିଛି

ସମ୍ବଲପୁର,୩୧।୮ (ବି.ଶଙ୍କର)

ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ର ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଯାଇଛି। ଉପକେନ୍ଦ୍ରର ଭାରପ୍ରାପ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, ସମ୍ବଲପୁର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ପର୍ବର ଏକ ଉଦ୍ଦେଶ୍ୟ ଥାଏ। ରକ୍ଷା ବନ୍ଧନ ଭାଇ ଭଉଣୀର ପବିତ୍ର ସମ୍ପର୍କକୁ ସୂଚାଇଥାଏ। ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷ ସମ୍ପ୍ରତି ହିଂସା ଅତ୍ୟାଚାରରେ ଲିପ୍ତ ହେଉଛି। ନିଶାରେ ଆସକ୍ତ ହେଉଛି। ଏମାନଙ୍କୁ ଠିକ ରାସ୍ତାକୁ ଆଣିବା ପାଇଁ ଆଇନ ଅପେକ୍ଷା ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

## ନିର୍ମାଣାଧୀନ ପ୍ରକଳ୍ପ ସମୀକ୍ଷା କଲେ ଉପଦେଷ୍ଟା



ପ୍ରକଳ୍ପ କାମ ପରିଦର୍ଶନ କରୁଛନ୍ତି ଉପଦେଷ୍ଟା।

ସମ୍ବଲପୁର,୩୧।୮ (ଶୁଭାଶିଷ ପାଢ଼ୀ)

ରେଙ୍ଗାଲି ଓ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରି ସମୀକ୍ଷା କରିଛନ୍ତି ଉପଦେଷ୍ଟା ଦିନେଶ ପ୍ରଧାନ। କୁଚିଣ୍ଡା ପୂର୍ତ୍ତ ଡାକ ବଙ୍ଗଳାଠାରେ ବିଧାୟକ କିଶୋର ନାୟକ ଓ ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ଉପସ୍ଥିତିରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଚିତ୍ର କୁମାର ମହାନ୍ତି, ଉପଖଣ୍ଡ ଅଧିକାରୀ ରଞ୍ଜନ କୁମାର ଶତପଥି, ହିମାଂଶୁ ଶେଖର ସା, ଜିଲା ଯୁବ ସମ୍ପାଦକ ମଞ୍ଜୁ ଓରାମ, ବୁଲୁ ନାୟକ, ବିଶିକେଶନ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରେଙ୍ଗାଲି ବ୍ଲକର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚିତ୍ର କୁମାର ମହାନ୍ତି, ଖଣ୍ଡୀୟ ଅଧିକାରୀ ଟଙ୍କେଶ୍ୱର ପ୍ରଧାନ, ଇନ୍ଦୁମତି ପାଣ୍ଡେ, ମକରଧ୍ୱଜ ନାୟକ, ସାଲଡ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ।

# କୁଚିଣ୍ଡା, ରେଢ଼ାଖୋଲ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ

କୁଚିଣ୍ଡା,୩୧।୮ (ବିରଞ୍ଚି ଦର୍ଶା)

କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନ୍ଏସି ଅଫିସ ସମ୍ମୁଖରେ ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରି ସ୍ମୃତି ବନଠାରେ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅପରାହ୍ନରେ ଏନ୍ଏସି ଅଧ୍ୟକ୍ଷ ମହାନ୍ତିଙ୍କ ସଭାପତିତ୍ୱରେ ଟାଉନହଲ ଠାରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟଅତିଥି, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଆଡିସନାଲ ତହସିଲଦାର ଅନିମା ସୋରେନ, ଏନ୍ଏସି ଉପାଧ୍ୟକ୍ଷା ଦେବଯାନୀ କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହରାଞ୍ଚଳର ବିକାଶ ପାଇଁ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ଜନସାଧାରଣ ଏଥିରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ଦିବସର ତାତ୍ପର୍ଯ୍ୟ ବାବଦରେ ଆଲୋକପାତ କରିଥିଲେ। ଏନ୍ଏସି କର୍ମଚାରୀ ହିମାଂଶୁ ଶେଖର ମହାନନ୍ଦ ସଭା ପରିଚାଳନା କରିଥିଲେ। ଏଥିରେ ସମସ୍ତ ୱାର୍ଡ କାଉନସିଲର, ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା ଯୋଗଦେଇଥିଲେ।

ରେଢ଼ାଖୋଲ,(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ଏନ୍ଏସି କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ ଜାତୀୟ ପତାକା ଉତ୍ତୋଳନ କରି ସହରକୁ ସରସ ସୁନ୍ଦର ଭାବେ ଗଢି ତୋଳିବାକୁ ସହରବାସୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ଦେହୁରି, ଉପାଧ୍ୟକ୍ଷା ଅନସୂୟା ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ଯୋଗଦେଇଥିଲେ। ସକାଳେ ସହରରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ଏ ଅବସରରେ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।





କୁଚିଣ୍ଡା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।



ରେଢାଖୋଲରେ ଜାତୀୟ ପତାକା ଉତ୍ତୋଳନ ଅବସରରେ ଅଧିକାରୀ ଓ କର୍ମଚାରୀ।

## ସ୍ୱାୟତ୍ତ ଶାସନ ଦିବସରେ ସ୍ମାର୍ଟ ପାର୍କ ଲୋକାର୍ପଣ



ସ୍ମାର୍ଟ ପାର୍କରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ସମ୍ବଲପୁର,୩୧।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ବୁର୍ଲାରେ ସ୍ମାର୍ଟ ପାର୍କ ଲୋକାର୍ପଣ କରାଯାଇଥିଲା। ଉତ୍ସବରେ ଜିଲାପାଳ ଅନନ୍ୟା ଦାସ ଯୋଗ ଦେଇଥିଲେ। କମିଶନର ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଏସ୍‌ଏମ୍‌ସି କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ ଭାବେ ୧୦୦ ଜଣଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ରକ୍ତଦାନ ଶିବିରରେ ୧୬୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ପ୍ଲାନେଟୋରିୟମ ପରିସରରେ ଥିବା ପାର୍କକୁ ବିକଶିତ କରି ସ୍ମାର୍ଟ ପାର୍କ ଭାବେ ଲୋକାର୍ପଣ କରାଯାଇଛି। ଏହା ସାଧାରଣ ପାର୍କଠାରୁ ସାମାନ୍ୟ ଭିନ୍ନ ରହିଛି। ଏହାକୁ କେବଳ ଶିଶୁ ଓ ଯୁବକମାନେ ନୁହେଁ ବରଂ ବୃଦ୍ଧମାନେ ମଧ୍ୟ ବ୍ୟବହାର କରିପାରିବେ।

# କୃଷି ବିଭାଗ କର୍ମଚାରୀଙ୍କ ଧାରଣା

ସମ୍ବଲପୁର,୩୦।୮ (ଶୁଭାଶିଷ ପାଢ଼ୀ)

ରାଜ୍ୟବ୍ୟାପୀ କୃଷି ଅଧିକାରୀଙ୍କ ସାମୂହିକ କାର୍ଯ୍ୟବନ୍ଦ ଡାକରାରେ ସମ୍ବଲପୁର କୃଷି ସେବାସଂଘ ସାମିଲ ହୋଇଛି। ସଂଘ କର୍ମକର୍ତ୍ତା ଗୁରୁବାର ମୁଦିପଡ଼ାସ୍ଥିତ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ, ଅନିୟମିତ ବର୍ଷା, ତାପମାତ୍ରାର ଅହେତୁକ ବୃଦ୍ଧି, ମୃତ୍ତିକା ସ୍ୱାସ୍ଥ୍ୟର ଅବନତି, ନୂତନ ରୋଗପୋକ ଆକ୍ରମଣ ଇତ୍ୟାଦି ଅନେକ ପ୍ରତିକୂଳ ପ୍ରଭାବକୁ ଆମ କୃଷି ଅଧିକାରୀମାନେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ପ୍ରତିହତ କରିଆସିଛନ୍ତି। କୃଷକ ସମାଜକୁ ଉଚିତ ଦିଗଦର୍ଶନ ଦେଉଛନ୍ତି। ବାରମ୍ବାର ଆମେ ରାଜ୍ୟ ପାଇଁ ଗୌରବ ଆଣିଦେଇଛୁ, ହେଲେ ପ୍ରତିବଦଳରେ ଧନ୍ୟବାଦର ପାତ୍ର ହୋଇପାରି ନାହୁଁ। ବିଗତ ତିନି ଦଶନ୍ଧି ହେଲା ୧୩ ଯୋଜନାରୁ ୩୯କୁ ବୃଦ୍ଧି ପାଇଛି। ହେଲେ କୃଷି ଅଧିକାରୀଙ୍କ ସଂଖ୍ୟାରେ ବୃଦ୍ଧି ପାଇ ନାହିଁ। ଓଡ଼ିଶା କୃଷି ସେବା ସଂଘ ୨ ବର୍ଷ ହେବ ଓଡ଼ିଶା ସେବା କ୍ୟାଡ଼ର ପୁନର୍ବିନ୍ୟାସ ପାଇଁ ଦାବି କଲାପରେ ସରକାର ଚଳିତ ବର୍ଷ ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ଏ ଯାଏ କୌଣସି ସୁଫଳ ମିଳିପାରିନାହିଁ ବୋଲି ଅଭିଯୋଗ କରିଥିଲେ। ସମ୍ବଲପୁର କୃଷି ସେବା ସଂଘ କର୍ମକର୍ତ୍ତା ଗୌରୀ ଶଙ୍କର ସିଂ, ଉମାକାନ୍ତ ମିଶ୍ର, ପ୍ରଦୀପ କୁମାର ନନ୍ଦ, କାର୍ତ୍ତିକଚନ୍ଦ୍ର ମଲ୍ଲିକ, ପ୍ରିୟବ୍ରତ ଜେନା, ତୁଷାର ରଞ୍ଜନ ମିଶ୍ର, ମାନସ ରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।





କୃଷି ବିଭାଗ କର୍ମଚାରୀମାନେ ଧାରଣା ଦେଇଛନ୍ତି।

# ହୋମିଓପାଥି କଲେଜରେ ତାଲା ପକାଇ ଆନ୍ଦୋଳନ

**୨୦୦୧ରୁ ଆୟୁଷରେ ପଦ ସୃଷ୍ଟି ହୋଇନାହିଁ**

ସମ୍ବଲପୁର,୩୧।୮ (ଶୁଭାଶିଷ ପାଢ଼ୀ)





ହୋମିଓପାଥି କଲେଜରେ ତାଲାପକାଇ ଧାରଣା।

ବହୁ ପରିଶ୍ରମ କରି ପରୀକ୍ଷାରେ ସଫଳ ହେବା ପରେ ମଧ୍ୟ ଫଳ ମିଳୁନାହିଁ। ସରକାର ୨୦୦୧ ମସିହାରୁ ଆୟୁଷ ବିଭାଗରେ ନୂତନ ପଦ ସୃଷ୍ଟି କରୁନାହାନ୍ତି। ତେଣୁ ଆୟୁର୍ବେଦିକ ଓ ହୋମିଓପାଥି ଡାକ୍ତରଙ୍କ ଭବିଷ୍ୟତ ଅନ୍ଧକାରରେ ରହୁଛି। ଶୀଘ୍ର ଆୟୁର୍ବେଦରେ ୫୦୦ ଓ ହୋମିଓପାଥିରେ ୫୦୦ ନୂତନ ପଦ ପାଇଁ ସ୍ୱୀକୃତି ଦେବାକୁ ଦାବି କରି ଗୁରୁବାର ସମ୍ବଲପୁର ଶାସନ ମାଝିପାଲିସ୍ଥିତ ହୋମିଓପାଥିକ କଲେଜ ଗେଟରେ ତାଲା ପକାଇ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ। ସକାଳ ୮ଟାରେ କଲେଜ ଖୋଲିବା ପୂର୍ବରୁ ସେମାନେ କଳାବ୍ୟାଜ୍ ପିନ୍ଧି ଧାରଣାରେ ବସିଥିଲେ।

ଅଭିଯୋଗ କରିଥିଲେ,ରାଜ୍ୟରେ ଅନେକ ହୋମିଓପାଥିକ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ତାହା ପୂରଣ ହେଉନାହିଁ। ଏମ୍‌ବିବିଏସ୍, ନର୍ସିଂ ପରି ପଦବୀ ସୃଷ୍ଟି କରାଯାଉଥିବା ବେଳେ ହୋମିଓପାଥି ପାଇଁ କୌଣସି ନିଯୁକ୍ତି ସୁଯୋଗ ରାଜ୍ୟ ସରକାର ସୃଷ୍ଟି କରୁନାହାନ୍ତି। ଶେଷଥର ପାଇଁ ୨୦୨୨ ମସିହାରେ ଡିସ୍ପେନସରି ଖୋଲିଥିଲା। ଏହା ପରଠାରୁ ନୂଆ କୌଣସି ଡିସ୍ପେନସରି ଖୋଲି ନାହିଁ। ୫୦୦୦ ଜନସଂଖ୍ୟାରେ ଗୋଟିଏ ଲେଖାଏ ଡିସ୍ପେନସରି ରହିବାର ନିୟମ ଥିବାବେଳେ ତାହା ମଧ୍ୟ ପାଳନ ହେଉ ନାହିଁ। ଏପରି କି ୨୦୦୨ ପରେ ନୂଆ ପଦବୀ ସୃଷ୍ଟି ହୋଇ ନାହିଁ ବୋଲି ଅଭିଯୋଗ କରିଥିଲେ।

